ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.289, Bhubaneswar Thursday, January 02, 2020 | ୨୨ତମ ବର୍ଷ ସଂଖ୍ୟା-୨୮୯ ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୦୨, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ନୂଆବର୍ଷରେ ୫ଲକ୍ଷ ଭକ୍ତଙ୍କ ସୁଖଦ ଦର୍ଶନ, ମନ୍ଦିର ପାରିପାର୍ଶ୍ୱିକ ଅବସ୍ଥା ଦେଖି ଭକ୍ତ ଭାବବିହ୍ୱଳ

ପୁରୀ, ୧।୧(ପି.ଏନ): ଇଂରାଜୀ ନୂଆବର୍ଷ ଉପଲକ୍ଷେ ୫ଲକ୍ଷ ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କୁ ସୁଖଦ ଦର୍ଶନ କରି ଫେରିଛନ୍ତି। ମାର୍କେଟ ଛକ ଠାରୁ ପଦଚଲା ବ୍ୟାରିକେଡ ଦେଇ ଥାକ ଥାକ ହୋଇ ଶ୍ରଦ୍ଧାଳୁଙ୍କୁ ପୁଲିସ ଛାଡୁଥିଲା। ମାର୍କେଟ ଛକ ଠାରେ ମେସିନ୍ ଦ୍ୱାରା ଯାଂଚ କରାଯାଇ ଛଡ଼ା ଯାଉଥିବା ଦେଖିବାକୁ ମିଳିଥିଲା। ସେଠାରୁ ସିଧାସଳଖ ଆସି ଶ୍ରୀନଅର ସମ୍ମୁଖରେ ଅଟକୁଥିଲେ। ଶ୍ରୀନହର ଠାରୁ ଭକ୍ତଙ୍କ ପାଇଁ ହୋଇଥିବା ସେଡ ଭିତର ଦେଇ ସିଂହଦ୍ୱାରକୁ ଯାଉଥିଲେ। ବାଇଶି ପାହାଚ ଦେଇ ନାଟମଣ୍ଡପରେ ପ୍ରବେଶ କରିବା ପରେ ସେଠାରେ ଧାଡ଼ି ଧାଡ଼ି ହୋଇ ଦର୍ଶନ କରି ଫେରୁଥିଲେ। ଭକ୍ତମାନେ ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ପ୍ରସ୍ଥାନ କରୁଥିଲେ। ବ୍ୟାରିକେଡ ମଝିରେ ପାଣିସିଂଚନ ଓ ପାଣି ବଂଟନ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ଫେରିବା ସମୟରେ ଜୟ ଜଗନ୍ନାଥ କହୁଥିବା ଶୁଣିବାକୁ ମିଳିଥିଲା। ସିଂହଦ୍ୱାରରେ ଏଭଳି ପରିବର୍ତନ ଦେଖି ଅନେକ ଭକ୍ତ ଭାବବିହ୍ୱଳ ହୋଇଯାଉଥିଲେ। ରାତି ୨ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଜିଲ୍ଲାପାଳ ବଲବନ୍ତ ସିଂ, ଏସପି ଡା. ଉମାଶଙ୍କର ଦାଶ, ଉପଜିଲ୍ଲାପାଳ ଭବତାରଣ ସାହୁ ଓ ୫ଜଣ ଟ୍ରେନିଂ ଆଇଏଏସ ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ତନଖି କରୁଥିଲେ। ଶ୍ରୀମନ୍ଦିର ଅଂଚଳ ସୁରକ୍ଷା ଜୋନରେ ଯାଉଥିବାରୁ କୌଣସି ଗାଡ଼ିକୁ ଛଡ଼ାଯାଉ ନଥିଲା। ଦୋଳମଣ୍ଡପ ସାହି ବାଟାଗଳି ଛକ, କାକୁଡ଼ିଖାଇ ଛକ, ମଣିକର୍ଣ୍ଣିକା ସାହି ଛକ, ଗାଣ୍ଟୁଆ ଚଉରା ଛକ, ଗଡ଼ନ୍ତି ଛକ ଓ ଦୋଳବେଦୀ କୋଣରେ ପୁଲିସ ପକ୍ଷରୁ ମୋଟର ସାଇକେଲ ଗୁଡ଼ିକୁ ନଯିବା ପାଇଁ ବାରଣ କରାଯାଇଥିଲା। ଭକ୍ତସେଡ ଓ ଲଙ୍ଗୁଳିମଠ ମଝିରେ ଭକ୍ତମାନେ ବସିବା ପାଇଁ ସ୍ୱତନ୍ତ୍ର ଭାବେ ଝୋଟି ଚିତାପଡ଼ି ସୁରକ୍ଷିତ ଅଂଚଳ ରଖାଯାଇଥିଲା। କାଠକୁନ୍ଦ ପରି ଦିଶୁଥିବା ପ୍ଲାଷ୍ଟିକ ବ୍ୟାରିକେଡ ରଖାଯାଇଥିଲା। ଭକ୍ତସେଡକୁ ଚାରିପଟୁ ଗେଣ୍ଡୁଫୁଲରେ ସଜାଯିବା ସହ ଉପରେ ଥିବା ୯ଟି ଛତା ଆକୃତି ସ୍ଥାନରେ ମଧ ଫୁଲମାଳ ଟଙ୍ଗାଯାଇଥିଲା। ଦୁଇପଟ ପାର୍ଶ୍ୱରେ ଗଛସବୁ ରଖାଯାଇଥିଲା। ପ୍ରବେଶ ପଥରେ ଦୁଇଟି ବଡ଼ ନଡ଼ିଆଗଛ କୁଣ୍ଡରେ ରଖାଯାଇଥିଲା। ଭକ୍ତମାନେ ଥାକ ଥାକ ହୋଇଯାଉଥିବାରୁ ଭଲରେ ଦର୍ଶନ କରି ଫେରୁଥିବା ପରିଲକ୍ଷିତ ହୋଇଥିଲା। ପୁଲିସ ପକ୍ଷରୁ ପୌର ମାର୍କେଟରେ ଦୁଇଚକିଆ ଗାଡ଼ି ପାର୍କିଂ କରାଯାଇଥିଲା। ଜଗନ୍ନାଥ ବଲ୍ଲଭ, ପୁରୁଣା ଜେଲ, ମଙ୍ଗଳାଘାଟ ଅଂଚଳ ମହୋଦଧି ମାର୍କେଟ ଓ ଆଇଟିଆଇ ଛକ, ଭୂଦାନ ଛକ ଓ ହେଲିପ୍ୟାଡ ଅଂଚଳରେ ୪ଚକିଆ ଗାଡ଼ିଗୁଡ଼ିକ ପାର୍କିଂ କରାଯାଇଥିଲା। ଦୂରରେ ପାର୍କିଂ ହୋଇଥିବାରୁ ଅଟୋରିକ୍ସାଙ୍କ ପ୍ରାଦୃର୍ଭାବ ବଢ଼ିଯାଇଥିବା ଦେଖିବାକୁ ମିଳିଥିଲା। ଅତ୍ୟଧିକ ଦର ଦେଇ ସେମାନେ ଅଟୋରେ କଲେଜ ଛକ ପର୍ଯ୍ୟନ୍ତ ଆସୁଥିଲେ। ସେଠାରୁ ଚାଲି ଚାଲି ମାର୍କେଟଛକ ବ୍ୟାରିକେଡରେ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା। ବଡ଼ଦାଣ୍ଡ ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଉଠିଥିଲା। ଅନେକ ମହିଳା ଭକ୍ତ ହୁଳହୁଳି ପକାଉଥିବା ଦେଖିବାକୁ ମିଳିଥିଲା। କାଁ ଭାଁ ଠେଲାପେଲାକୁ ଛାଡ଼ିଦେଲେ ସେମିତି କିଛି ବଡ଼ ଅଘଟଣ ଘଟିଥିବା ଖବର ଲେଖାହେବା ପର୍ଯ୍ୟନ୍ତ ହସ୍ତଗତ ହୋଇନଥିଲା। ଶ୍ରୀମନ୍ଦିରରେ ଦର୍ଶନ କରିବା ପରେ ଭକ୍ତମାନେ ସମୁଦ୍ରକୂଳକୁ ଯାଇ ମଜା ଉଠାଇଥିଲେ। ସେଠାରେ ବାଲୁକା କଳା ଓ କିଛି ସମୟ ବାଲିରେ ବସି ଫେରୁଥିଲେ। ଯାନବାହାନ ଜାମ୍ ଯୋଗୁଁ ଅନେକ ଭକ୍ତ ଶୀଘ୍ର ଶୀଘ୍ର ଫେରିଯାଇଥିଲେ।



ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ,ଯୁଗ୍ମ ନିର୍ଦ୍ଦେଶକ ବିପିନ୍ ବିହାରୀ ବାରିକ ଓ ବରଦା ପ୍ରସନ୍ନ ଦାସଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ନବବର୍ଷର ଶୁଭେଚ୍ଛା ଜଣାଉଛନ୍ତି

## ଓଡ଼ିଶାର ଇ-ଗେଜେଟ୍ ପୋର୍ଟାଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧।୧(ପି.ଏନ): ୫ 'ଟି' ସୂତ୍ରର ରୂପାୟନ ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀ ଓଡ଼ିଶା ସରକାରୀ ମୁଦ୍ରଣାଳୟର ଇ-ଗେଜେଟ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି । ନୂଆବର୍ଷ ଅବସରରେ ରାଜ୍ୟ ଲୋକସେବା ଭବନଠାରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି ପୋଟାଲ୍ ଉନ୍ମୋଚନ ସଭାରେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଇ-ଗେଜେଟ୍ ବ୍ୟବସ୍ଥାର ପୂର୍ଣ୍ଣ ବିନିଯୋଗ କରିବା ପାଇଁ ସମସ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ଇ-ଗେଜେଟ୍ ଉତମ ପ୍ରଶାସନ ପଥରେ ଏକ ମାଇଲ୍‌ଖୁଂଟ। ଏହା ଦ୍ୱାରା ଗେଜେଟ୍ ବିଜ୍ଞପ୍ତି ତ୍ୱରିତ ଓ ତ୍ରୁଟିମୁକ୍ତ ହେବ। ଏହା ଦ୍ୱାରା ଟ୍ରକ୍ ଟ୍ରକ୍ କାଗଜର ପରିବହନ ଆବଶ୍ୟକ ପଡ଼ିବ ନାହିଁ ଓ ମୁଦ୍ରଣ ଖର୍ଚ୍ଚ ମଧ କମ୍ ହେବ ।ଇ-ଗେଜେଟ୍ ପୋର୍ଟାଲ୍ ବ୍ୟବସ୍ଥା ବିଷୟରେ ସୂଚନା ଦେଇ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଜି. ଶ୍ରୀନିବାସ୍ କହିଥିଲେ ଏଥିରେ ବିଭାଗ ଓ ବିଷୟୱାରୀ ଗେଜେଟ୍ ଖୋଜିବାର ବ୍ୟବସ୍ଥା ରହିବ । ଗେଜେଟ୍ ପାଇଁ କୌଣସି ବ୍ୟକ୍ତିଙ୍କୁ ଆଉ ସରକାରୀ ମୁଦ୍ରଣାଳୟ, କାର୍ଯ୍ୟାଳୟ ବା ଲୋକସେବା ଭବନ ଆସିବାକୁ ପଡ଼ିବ ନାହିଁ। ଯେକୌଣସି ବ୍ୟକ୍ତି http://egazetteodisha.nic.in ରେ ଲଗ୍‌ଇନ୍ କରି ତାଙ୍କର ଆବଶ୍ୟକତା ଅନୁସାରେ ଗେଜେଟ୍ ପାଇପାରିବେ ।ସୂଚନା ଓ ପ୍ରଯୁକ୍ତିବିଦ୍ୟା ଶାସନ ସଚିବ ଶ୍ରୀ ମନୋଜ ମିଶ୍ର କହିଥିଲେ ଯେ ଇ-ଗେଜେଟ୍ ଏକ ସ୍ୱୀକୃତିପ୍ରାପ୍ତ ସାର୍ବଜନୀନ ପତ୍ରିକା । ଏହାକୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ପ୍ରସ୍ତୁତ କରାଯାଇଛି । ଏପରି ମୁଦ୍ରଣ ଆଇ.ଟି ଆଇନ୍‌ର ଧାରା ୮ ଅନୁଯାୟୀ ଆଇନତଃ ସିଦ୍ଧ ଅଟେ ।ଉଦ୍‌ଘାଟନୀ ସଭାରେ ହୋଇଥିବା ଉପସ୍ଥାପନାରୁ ଜଣାପଡ଼ିଛି ଯେ ସରକାରଙ୍କ ବିଭିନ୍ନ ବିଭାଗମାନେ ଇ-ଗେଜେଟ୍ ପୋର୍ଟାଲ୍‌ରେ ନିଜକୁ ପଞ୍ଜୀକୃତ କଲାପରେ ପ୍ରକାଶନ ପାଇଁ ନିର୍ଦ୍ଧାରିତ ବିଷୟବସ୍ତୁ ପୋର୍ଟାଲ୍‌ରେ ଅପଲୋଡ୍ କରିବେ । ଗେଜେଟ୍‌ର ନମ୍ବର ଏବଂ ତାରିଖ ପୋର୍ଟାଲ୍‌ରେ ପ୍ରଦର୍ଶିତ ହେବ। ବିଷୟବସ୍ତୁର ବୈଧକରଣ ପାଇଁ ଇ-ଦସ୍ତଖତ ବ୍ୟବସ୍ଥା କରାଯାଇଛି ଯେପରି କି କେହି କୌଣସି ବିଷୟବସ୍ତୁକୁ ପରିବର୍ତନ ବା ବିକୃତ କରିପାରିବେ ନାହିଁ । ଏହି ପୋର୍ଟାଲ୍ ଏନ୍‌ଆଇସି ଦ୍ୱାରା ଡିଜାଇନ୍ କରାଯାଇଛି ଯାହାକି ଭାରତରେ ପ୍ରଥମ ।ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଶାସନ ସଚିବ, ସରକାରୀ ମୁଦ୍ରଣାଳୟର ନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଉଦ୍‌ଘାଟନୀ ଉତ୍ସବରେ ଭାଗ ନେଇଥିଲେ।

## ନନ୍ଦନକାନନରେ କମିଲା ପର୍ଯ୍ୟଟକଙ୍କ ସଂଖ୍ୟା

ଭୁବନେଶ୍ୱର, ୧।୧(ପି.ଏନ): ନବ ବର୍ଷ ଉପଲକ୍ଷେ ନନ୍ଦନ କାନନରେ ୩୫ ହଜାର ୮୪୭ ଜଣ ପର୍ଯ୍ୟଟକ ପରିଦର୍ଶନ କରିଥିଲା ବେଳେ ଗତ ବର୍ଷ ୪୩ ହଜାର ପର୍ଯ୍ୟଟକ ପରିଦର୍ଶନ କରିଥିଲେ ବୋଲି ନନ୍ଦନକାନନ କର୍ତୃପକ୍ଷ ଜଣାଇଛନ୍ତି । ଗତବର୍ଷ ତୁଳନାରେ ଚଳିତ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି । ଭିଡ଼କୁ ଲକ୍ଷ୍ୟ କରି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହିତ ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।

## ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ଫାଙ୍କି ଚାଲିଛି ବେଆଇନ ଇଟା ଭାଟି

କେନ୍ଦ୍ରାପଡ଼ା, ୧।୧(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ବେଆଇନ ଇଟା ଭାଟି ତିଆରି ଚାଲିବା ସହ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ଫାଙ୍କି ଚାଲିଥିବା ଜଣା ପଡିଛି । ଗ୍ରୀଷ୍ମ ଋତୁ ପୂର୍ବରୁ ଜିଲ୍ଲାର ବିଭିନ୍ନ ସରକାରୀ ଜମି, ନଦୀପଠା, ଦଣ୍ଡା ଗୋଚର ଓ ମଶାଣୀ ଜମିକୁ ଇଟା ମାଫିଆମାନେ ଜବର ଦଖଲ କରି ରିତିମତ ଇଟାଭାଟି ବ୍ୟବସାୟ ଚଳାଇ ଚାଲିଛନ୍ତି। ଲକ୍ଷଲକ୍ଷ ସଂଖ୍ୟକ ୨୦/୩୦ ଇଟା ଭାଟି କରୁଥିବା ଏହି ଇଟା ବ୍ୟବସାୟୀମାନେ ନାମକୁ ମାତ୍ର ଗୋଟିଏ ଦୁଇଟି ଭାଟିର ରାଜସ୍ୱ ତହସିଲରେ ଜମାଦେଇ ବେଆଇନ ଭାବେ ବହୁ ସଂଖ୍ୟକ ଇଟାଭାଟି କରି ପ୍ରଚୁର ଲାଭବାନ ହେଉଛନ୍ତି । ପରିବେଶ ସୁରକ୍ଷା ପାଇଁ ଖୋଲାଇଟା ଭାଟି କରିବା ବେଆଇନ ହୋଇଥିଲେ ମଧ ତହସିଲ କର୍ମଚାରୀଙ୍କ ସଲାସୁତୁରାରେ ଏହିନିୟମକୁ ଫାଙ୍କି ଚାଲିଥିବାର ଜଣାପଡ଼ିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ରାଜସ୍ୱ ହାନୀ ରୋକିବା ସହ ପରିବେଶର ସୁରକ୍ଷା ହୋଇ ପାରିବ ବୋଲି ବୁଦ୍ଧିଜିବୀ ମହଲରେ ଦାବି ହୋଇଛି ।

## ଭାରତର ପ୍ରଥମ ସିଡିଏସ ଭାବେ କାର୍ଯ୍ୟଭାର ଗ୍ରହଣ କଲେ ବିପିନ ରାୱତ : ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ , ୧।୧(ପି.ଏନ): ଭାରତର ପ୍ରଥମ ଚିଫ୍ ଅଫ ଡିଫେନ୍ସ ଷ୍ଟାଫ (ସିଡିଏସ) ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ଜେନରାଲ ବିପିନ ରାୱତ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।ପ୍ରଧାନମନ୍ତ୍ରୀ ତାଙ୍କ ଶୁଭେଚ୍ଛା ବାର୍ତାରେ କହିଛନ୍ତି ଯେ ମୁଁ ଖୁସି ଯେ ନୂଆ ବର୍ଷ ତଥା ନୂଆ ଦଶକ ପ୍ରାରମ୍ଭରେ, ଭାରତ ପ୍ରଥମ ଚିଫ୍ ଅଫ ଡିଫେନ୍ସ ଷ୍ଟାଫ ଭାବେ ଜେନରାଲ ବିପିନ ରାୱତଙ୍କୁ ପାଇଛି। ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ଏହି ନୂତନ କାର୍ଯ୍ୟଭାର ପାଇଁ ତାଙ୍କୁ ଶୁଭକାମନା ଜଣାଉଛି। ସେ ଜଣେ ଉଚ୍ଚକୋଟୀର ସେନାଧିକାରୀ, ଯିଏକି ବଡ ଉତ୍ସାହର ସହିତ ରାଷ୍ଟ୍ରର ସେବା କରିଛନ୍ତି। ପ୍ରଥମ ସିଡିଏସ କାର୍ଯ୍ୟଭାର ସମ୍ଭାଳିବା ଅବସରରେ, ମୁଁ ରାଷ୍ଟ୍ରର ସେବା କରିଥିବା ଏବଂ ନିଜ ଜୀବନକୁ ସମର୍ପଣ କରିଥିବା ବୀର ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମୁଁ କାରଗିଲ ଯୁଦ୍ଧର ସାହସୀ ସୈନିକମାନଙ୍କୁ ସ୍ମରଣ କରୁଛି, ଯେଉଁମାନଙ୍କ ପାଇଁ ଆମ ସେନାର ସୁଧାର ଲାଗି ଅନେକ ଚର୍ଚ୍ଚା ଓ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଏ ଦିଗରେ ଐତିହାସିକ ବିକାଶ ହୋଇପାରିଛି।୧୫ ଅଗଷ୍ଟ ୨୦୧୯ରେ ଲାଲକିଲ୍ଲାରୁ ମୁଁ ଘୋଷଣା କରିଥିଲି ଯେ ଦେଶରେ ଜଣେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ ନିଯୁକ୍ତ ହେବେ।

## ବରିଷ୍ଠ ସାମ୍ବାଦିକଙ୍କ ଅନିରୁଦ୍ଧଙ୍କ ଅକାଳ ବିୟୋଗରେ ଶୋକ

ଚଣ୍ଡିଖୋଲ,(ପି.ଏନ): ବୈଦ୍ୟୁତିକ ଗଣମାଧ୍ୟମର ଯାଜପୁର ଜିଲା ପ୍ରତିନିଧି ତଥା ବଡଚଣା ବ୍ଲକ ସୁଙ୍ଗୁଡା ଗ୍ରାମର ସ୍ତମ୍ଭକାର,ସାହିତ୍ୟକ,ପରିବେଶବିତ ଓ 'ତୃତୀୟ ପାଦ'ର ସଂପାଦକ ଅନିରୁଦ୍ଧ ସାମନ୍ତରାୟ(୫୨)ଙ୍କ ଗତକାଲି ବିଳମ୍ବିତ ରାତିରେ ହୃଦଘାତରେ ଅକାଳ ବିୟୋଗ ହୋଇଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ବଡଚଣା ପରେ କଟକ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରୀତ ହେବା ପରେ ନବ ବର୍ଷ ଥାଇ ବି ତାଙ୍କ ବାସ ଭବନରେ ପ୍ରାତଃ ସମୟରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମ୍ବାଦିକ ଓ ଶୁଭେଚ୍ଛୁ ମାନେ ସେଠାରେ ଉପସ୍ଥିତ ହୋଇ ତାଙ୍କୁ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଏକ ସ୍ୱର୍ଗରଥ ଗାଡିରେ ସୁଙ୍ଗୁଡା ଗ୍ରାମ, ଚଣ୍ଡିଖୋଲ ଛକ, ଓ ତାଙ୍କ ପୈତୃକ ଗ୍ରାମ କ୍ଷେତ୍ରପାଳକୁ ଶୋଭାଯାତ୍ରାରେ ନିଆଯାଇଥିଲା। ପୂର୍ବରୁ ନିଜ ଶରୀରକୁ ଦଧିଚିକୁ ନିଜ ମର ଶରୀରକୁ ଅର୍ପଣ କରିବା ପାଇଁ ସ୍ୱିକୃତି ପ୍ରଦାନ କରିଥିଲେ। ସମାଜର ଲୋକସେବକ ମଣ୍ଡଳର ସଭ୍ୟ ପ୍ରଭାସ ଆଚାର୍ଯ୍ୟ ଦଧିଚି ଶବ ବାହାନ ଆଣି ଚଣ୍ଡିଖୋଲରେ ଉପନୀତ ହେଲା ପରେ ସ୍ଥାନୀୟ ଅଂଚଳେର ଅଧିବାସୀ , ସାମ୍ବାଦିକ ବୃନ୍ଦ ଓ ତାଙ୍କ ପରିବାର ବର୍ଗଙ୍କ ଉପସ୍ଥିତିରେ ମର ଶରୀରକୁ ଅର୍ପନ କରାଯାଇଥିଲା। ଏହା ପରେ ବୁଦ୍ଧ ମୂର୍ତି ନିକଟରେ ତାଙ୍କସ୍ମୃତି ଉଦ୍ଦେଶ୍ୱରେ ନୀରବ ପ୍ରାର୍ଥନା ସହ ଶୋକ ସଭା ଚଣ୍ଡିଖୋଲ ପ୍ରସନ୍ନବର ସଭାପତି ପ୍ରଦୀପ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ବାଦିକ ମହେଶ୍ୱର ବଳ,ପ୍ରିୟନାଥ ମହାପାତ୍ର, ଭକ୍ତଚରଣ ସାହୁ,ପ୍ରଦୀପ୍ତ କୁମାର ପୃଷ୍ଟି,ପ୍ରତାପ ରାଉତରାୟ,ବେଣୁଧର ପଣ୍ଡା,ଦିଲିପ ମହାନ୍ତି,ଶିବରାମ ସାହୁ, ପ୍ରମୋଦ ଜେନା, ହେମେଶ ଜେନା, ସନ୍ଦିପ୍ତ ରାୟ, ମନ୍ମଥ ମହାରଣା, ବିମଳ ପତି, ଅବିନେଶ୍ୱର ଶତପଥି, ଅମୁଲ୍ୟ ପତି, ମୋହନ ଖିଲାର,ମହେଶ୍ୱର ରାଉତ,ହେମନ୍ତ କୁମାର ଦାସ,ସୁଶାନ୍ତ ନାୟକ,ବସନ୍ତ ପଲେଇ,ପ୍ରସନ୍ନ ବିଶ୍ୱାଳ,ପ୍ରଶାନ୍ତ ଜେନା ପ୍ରମୁଖ ଏଥିରେ ଅଂଶ ଗ୍ରହଣ ତାଙ୍କ ବିୟୋଗ ନବବର୍ଷର ପ୍ରାରମ୍ଭରେ ସାମ୍ବାଦିକ ମାନଙ୍କ ପାଇଁ ଏକ ଅପୁରଣୀୟ କ୍ଷତି ବୋଲି ବହୁ ସାମ୍ବାଦିକ ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ମାନଙ୍କ ସହ ବିଶିଷ୍ଟ ବ୍ୟକ୍ତି ମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଅଶ୍ରୁଳ ବିଦାୟ ଦେଇ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ଏହି ଖବର ପ୍ରଚାର ହେବା ପାରେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବିଧାୟକ ଅମର ପ୍ରସାଦ ଶରତପଥି, ଓଡିଆ ଭାଷା ସାହିତ୍ୟର ଉପଦେଷ୍ଟା ଜନ୍ମେଜୟ ଲେଙ୍କା, ବିଜେପି ମୁଖପାତ୍ର ଅମର ନାୟକ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ପର୍ଯ୍ୟବେକ୍ଷକର ସମ୍ପାଦକ ପବିତ୍ର ସାମନ୍ତରାୟ ଏବଂ ଏମ.ବି.ସି ଟିଭିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱନାଥ ଶତପଥି ପ୍ରମୁଖ ଶୋକ ସନ୍ତପ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ।

### 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ଶୋକ

ଯାଜପୁର ଜିଲ୍ଲାର ଜଣାଶୁଣା ସାମ୍ବାଦିକ ଓ ପରିବେଶବିତ୍ ସ୍ୱର୍ଗତ ଅନିରୁଦ୍ଧ ସାମନ୍ତରାୟଙ୍କ ଅକାଳ ବିୟୋଗରେ ଦୈନିକ 'ପର୍ଯ୍ୟବେକ୍ଷକ' ଓ 'ଦି କଳିଙ୍ଗ କ୍ରୋନିକିଲି'ର ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏ ଦୁଃଖଦ ସମୟ ଅତିକ୍ରାନ୍ତ କରିବାକୁ ଭଗବାନଙ୍କ ନିକଟରେ ପରିବାରବର୍ଗଙ୍କୁ ଶକ୍ତି ପ୍ରଦାନ ନିମନ୍ତେ ପ୍ରାର୍ଥନା କରିଛନ୍ତି। ସୂଚନାଯୋଗ୍ୟ ସ୍ୱର୍ଗତ ସାମନ୍ତରାୟ ତାଙ୍କର ସାମ୍ବାଦିକତା ଜୀବନ 'ପର୍ଯ୍ୟବେକ୍ଷକ' ବଡ଼ଚଣା ପ୍ରତିନିଧି ଭାବେ ଆରମ୍ଭ କରିବା ସହ କିଛି ବର୍ଷ ଯାଜପୁର ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଅକାଳ ବିୟୋଗରେ ପରିବାରବର୍ଗଙ୍କୁ ଡକ୍ଟର ସାମନ୍ତରାୟ ଗଭୀର ସମବେଦନା ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି ।



## କନ୍ଧମାଳ ଏସପିଙ୍କ ନିକଟରେ ୧୬ ବର୍ଷିୟା ମାଓ କ୍ୟାଡରର ଆତ୍ମ ସମର୍ପଣ

କନ୍ଧମାଳ, ୧।୧(ପି.ଏନ): କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ସିର୍ଲା ଅଂଚଳରେ ଘୁମୁସର ଏରିଆ କମିଟି ମାଓ ସଂଗଠନରେ ବର୍ଷାଧିକ ସମୟ ଧରି ଜଣେ ମାଓ କ୍ୟାଡର ଭାବେ କାର୍ଯ୍ୟ କରିଆସୁଥିବା ଜଣେ ୧୬ ବର୍ଷର ନାବାଳିକା କନ୍ଧମାଳ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ତାର ଘର ତୁମୁଡିବନ୍ଧ ଅଂଚଳରେ ବୋଲି ଜଣାପଡିଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ପ୍ରତୀକ ଗୀତା ସିଂ ଏହି ସୁଚନା ଦେଇଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀ ଜଣକ କହିଥିବା ଅନୁସାରେ ୨୦୧୮ ମସିହା ନଭେମ୍ବର ମାସ ୨୩ ତାରିଖରେ ମାଓବାଦୀମାନେ ତାଙ୍କୁ ଉଠାଇନେଇଥିଲେ ଏବଂ ମାଓବାଦୀମାନେ ସମାଜର ସେବା କରିବାପାଇଁ ଏବଂ ଗରିବ ଲୋକଙ୍କୁ ସହାୟତା କରିବାପାଇଁ ଏହି ସଂଗଠନ ଜରିଆରେ ସରକାଙ୍କ ସହିତ ଲଢେଇ କରୁଥିବା କହି ତାଙ୍କୁ ଏହି ସଂଗଠନରେ ସାମିଲ କରିଥିଲେ । କିନ୍ତୁ ସେ ସଂଗଠନରେ ଯୋଗ ଦେଇ ଜଣେ ମାଓ କ୍ୟାଡର ଭାବରେ କାର୍ଯ୍ୟ କରିବାପରେ ମାଓ ସଂଗଠନ ଗ୍ରାମାଂଚଳର ଲୋକଙ୍କୁ ଡରାଇ ସେମାନଙ୍କଠାରୁ ଚାଉଳ ଏବଂ ଖାଦ୍ୟ ନେବାସହିତ ସେମାନଙ୍କୁ ସଂଗଠନର କାର୍ଯ୍ୟରେ ନିୟୋଜିତ କରୁଥିବା ସହ ଠିକାଦାର ମାନଙ୍କଠାରୁ ଚାନ୍ଦା ଆଦାୟ କରୁଛନ୍ତି । ଏହି କାର୍ଯ୍ୟ କରୁଥିବା ସମୟରେ ପୋଲିସ ସହିତ ଗୁଳି ବିନିମୟରେ ମୃତ୍ୟୁର ଭୟ ମଧ୍ୟ ରହିଥିବା ପରେ ସଂଗଠନରେ କୌଣସି ଭବିଷ୍ୟତ ନଥିବା ଜଣିପାରି ପୋଲିସ ନିକଟରେ ଶେଷରେ ଆତ୍ମସମର୍ପଣ କରିବାପାଇଁ ନିସ୍ପତି ନେଇଥିବା କହିଛନ୍ତି ପୋଲିସ ନିକଟରେ। ତେଣୁ ସେ ଗତ ଡିସେମ୍ବର ମାସ ୨୬ ତାରିଖରେ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ଗତ ୨୦୧୮ ମସିହା ଅକ୍ଟୋବର ମାସ ୨ ତାରିଖରେ ଗାଡିମାସ୍କାଠାରେ ମାଓକ୍ୟାମ୍ପ ଉପରେ ପୋଲିସର ଚଢାଉ ସମୟରେ ସେଠାରେ ଉପସ୍ଥିତ ଥିଲେ । ଗତ ୨୦୧୯ ମସିହା ଜାନୁଆରୀ ୩୧ ତାରିଖରେ ବାଲିଗୁଡା ଦାରିଙ୍ଗବାଡି ରାସ୍ତାରେ ଗଛକାଟି ରାସ୍ତା ଅବରୋଧ କାର୍ଯ୍ୟ ସମେତ ୨୦୧୯ ମସିହା ମାର୍ଚ୍ଚ ମାସ ୧୩ ତାରିଖରେ ଲେଙ୍ଗେରମାହାଠରେ ପୋଲିସ ସହ ଗୁଳି ବିନିମୟବେଳେ ମଧ୍ୟ ସାମିଲ ଥିବା ଜଣାଇଛି ପୋଲିସ । ସେ ସରକାଙ୍କ ଦ୍ୱାରା ଥିବା ମାଓବାଦୀ ସମର୍ପଣ ଆଇନ ଅନୁସାରେ ସମସ୍ତ ସହାୟତା ପ୍ରଦାନ କରାଯିବା ସହିତ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ସହାତା ପାଠପଢିବାପାଇଁ କିମ୍ବା କୌଣସି ତାଲିମ ନେବାପାଇଁ ସମସ୍ତ ସହାୟତା ପ୍ରଦାନ କରାଯିବାସହ ଜୀବନ ଜୀବିକା ପାଇଁ ସହାୟତା ପ୍ରଦାନ କରାଯିବ ବୋଲି କହଛନ୍ତି ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଂ ।

ଅଭିନନ୍ଦନ

ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏହି ନବବର୍ଷଟି ଆପଣମାନଙ୍କ ପାଇଁ ସୁଖ, ଶାନ୍ତି, ଆନନ୍ଦ ସହିତ ସମସ୍ତ ପ୍ରକାର ଆଶୀର୍ବାଦ ଓ ଅନନ୍ତଜୀବନ ପାଇବା ନିମନ୍ତେ ପ୍ରଭୁ ଯୀଶୁଙ୍କ ନିକଟରେ ପ୍ରାର୍ଥନା।

ଶ୍ରୀ ପ୍ରବୀଣ କୁମାର ନାୟକ
ସଭାପତି,ମିଳିତ ରାଷ୍ଟ୍ରୀୟ ମଞ୍ଚ,
ଫୁଲବାଣୀ



ନବବର୍ଷ ୨୦୨୦ ଉପଲକ୍ଷେ ଶୁଭେଚ୍ଛା



ନବବର୍ଷ ୨୦୨୦ ଉପଲକ୍ଷେ ବ୍ୟାସନଗର, ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

ଅର୍ଜୁନ କୁମାର ରାଉତ
ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ନେତା,
ବିଜୁ ଜନତା ଦଳ,ରାଉତ ବଜାର
ତୋଲିପୁର,ବ୍ୟାସନଗର, ଯାଜପୁର










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ବଲିଉଡକୁ ଫେରୁଛନ୍ତି ଟ୍ୱିଙ୍କଲ

ଅକ୍ଷୟ କୁମାରଙ୍କ ସହ ବିବାହ ପରେ ଫିଲ୍ମ ଦୁନିଆରୁ ଦୂରେଇ ରହିଥିଲେ ଟ୍ୱିଙ୍କଲ ଖନ୍ନା । କିନ୍ତୁ ଏବେ ପୁଣିଥରେ ସେ ଏହି ଦୁନିଆକୁ ଫେରିବାକୁ ଯାଉଛନ୍ତି । ମାତ୍ର ପୂର୍ବପରି ସେ ପରଦା ଉପରେ ଅଭିନୟ କରିବେ ନାହିଁ । ବରଂ ପରଦା ପଛରେ ରହି ଫିଲ୍ମ ନିର୍ମାଣ କରିବେ । ଆଜ୍ଞା ହଁ, ଅଭିନୟ ପରେ ଏବେ ପ୍ରଯୋଜନା ପାଇଁ ମନ ବଳାଇଛନ୍ତି ଟ୍ୱିଙ୍କଲ । ଖୁବ୍ ଶୀଘ୍ର ସେ ନିଜର ପ୍ରଡକ୍ସନ ହାଉସ୍ ମିଷ୍ଟ୍ରେସ୍ ଫନିବୋନସ୍ ମୁଭିଜ୍‌ରେ ପତି ଅକ୍ଷୟଙ୍କୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି । ଶୁଣିବାକୁ ମିଳିଛି କି ଟ୍ୱିଙ୍କଲଙ୍କ ପ୍ରଯୋଜନାରେ ଫିଲ୍ମର ନିର୍ଦ୍ଦେଶନା ଦେବେ ଆର. ବାଲକୀ । ଯେଉଁଥିରେ ଅକ୍ଷୟଙ୍କ ବିପକ୍ଷରେ ସୋନମ୍ କପୁର ରହିଛନ୍ତି । ଏକ ମିଡିଆର ସୂଚନା ଅନୁଯାୟୀ, ଟ୍ୱିଙ୍କଲଙ୍କ ଚିନ୍ତାଧାରା ଅନୁଯାୟୀ ଆର.ବାଲକୀ କାହାଣୀ ଲେଖିଛନ୍ତି । ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ମାସରେ ମୁକ୍ତିଲାଭ କରିବ । ଦେଖାଯାଉ ଟ୍ୱିଙ୍କଲଙ୍କ ଏହି ନୂଆ ରାସ୍ତାରେ ତାଙ୍କୁ ସଫଳତା ମିଳିପାରୁଛି କି ନାହିଁ ।



## ତିଆରି ହେବ ଆଉ ଏକ ୱାଘା ବର୍ଡର

ଅହମ୍ମଦାବାଦ ପାବସ୍ଥିତ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ୱାଘା ବର୍ଡର ଭଳି ଗୁଜୁରାଟ ଭାରତ-ପାକିସ୍ତାନ ସୀମାରେ ଆଉ ଏକ ୱାଘା ବର୍ଡର ତିଆରି କରି ତାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବାର ଉଦ୍ୟମ ଆରମ୍ଭ ହୋଇଛି । ଗୁଜୁରାଟର ବନସକଣ୍ଠା ଜିଲାରେ ଏହି ୱାଘା ବର୍ଡର ଭଳି ଭବ୍ୟ ଗେଟର ନିର୍ମାଣ କରାଯିବ । ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ଏହା ଘୋଷଣା କରିବା ସହ କହିଛନ୍ତି ଯେ ଏଠାରେ ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ଯାହା ପାବରେ ଦିଆଯାଉଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ । କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ । ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା । ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ । ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ । ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ । ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା । ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ । ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ । ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ । ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ । ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ । ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ । ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ ।



## ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର । ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା । କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦ୍ୟୋଗପତି । ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ । ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଟକଙ୍କ ଭିଡ । ଏହି ଉଦ୍ୟୋଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର । ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର । ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ । ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା । ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ । ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ । ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ । ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ । ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ । ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ । ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା । ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ । ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା । ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ । ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ । ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା । ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା । ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା । ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ । ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ । ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା । ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା । ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ । କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ । ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା । ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ । ନିଜ ସଞ୍ଚିତ ଅର୍ଥ ଓ ବନ୍ଧୁଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ । ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ । ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା । କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା । କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା । ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା । ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ । ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ । ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ ।



## ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର । ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି । ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି । ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ । ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି । ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ । ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ । ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ । ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର । ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ । ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି । ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ ।



## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା । ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ । ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ । ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ । ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ । ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ । ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ । ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା । ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ । ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ । ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ । ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ । ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା । ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ । ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ । ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମ୍ୟୁନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ । ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି । ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି । ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ । ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍ । ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ । କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ । ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




### ସ୍ପୋର୍ଟ୍ସ ଟେକ୍ -୨୦୧୯ ଉଦ୍‌ଯାପିତ

## ବର୍ଣ୍ଣିଂ ଷ୍ଟାର ଚମ୍ପିଆନ, ଥଣ୍ଡରବୋଲ୍ଟସ୍ ରନର୍ସ ଅପ



ପାରଳାଖେମୁଣ୍ଡି((ପିଏନ)- କ୍ରୀଡ଼ା ମାନବର ଜୀବନଶୈଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହା ମନକୁ ସୁସ୍ଥ ରଖିବା ସହ ମାନସିକ ଶାନ୍ତି ପ୍ରଦାନ କରେ। ଏହି ପରିପ୍ରେକ୍ଷୀରେ କ୍ରୀଡ଼ାର ଗୁରୁତ୍ୱକୁ ସମସ୍ତେ ସହଜରେ ଉପଲବ୍ଧି କରିପାରନ୍ତି। ଏହି ପରିପ୍ରେକ୍ଷୀରେ ସେଂଚୁରିଆନ ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ ଟେକ୍ - ୨୦୧୯ ଉଦଯାପିତ ହୋଇଯାଇଛି। ଫାଇନାଲର ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଥଣ୍ଡରବୋଲ୍ଟସ ୮୪ ରନର ଟାର୍ଗେଟ ଦେଇଥିବା ବେଳେ ବର୍ଣ୍ଣିଂ ଷ୍ଟାର ଏହି ମ୍ୟାଚକୁ ଜିତି ନେଇଥିଲା। ମ୍ୟାନ ଅଫ ଦ ମ୍ୟାଚ ଯୁବରାଜ ସେଠୀ ହୋଇଥିବାବେଳେ ଶ୍ରେଷ୍ଠ ବୋଲର ଦିଲ୍ଲୀପ ସାହୁକାର , ଶ୍ରେଷ୍ଠ ଫିଲଡ଼ର ସୌମ୍ୟରଂଜନ ଦ ହୋଇଥିଲେ। ତୋଫାନ ନାୟକ ଓ ଗୋବିନ୍ଦ ରାଓ ଇଟରାଜୁ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ଅଭିଭକ୍ତ କଟକ ଜିଲ୍ଲା ବୁଣାକାର ସଂଘ ପକ୍ଷରୁ ସାଂଗଠନିକ ବୈଠକ ଓ ବନ୍ଧୁ ମିଳନ



ଚଣ୍ଡିଖୋଲ, ୨୮/୧୨(ପି.ଏନ)- ଅଭିଭକ୍ତ କଟକ ଜିଲ୍ଲା ବୁଣାକାର ସଂଘ ପକ୍ଷରୁ ଏକ ସାଂଗଠନିକ ବୈଠକ ଓ ବନ୍ଧୁ ମିଳନ ଚଣ୍ଡିଖୋଲସ୍ଥିତ ସରକାରୀ ଡାକବଙ୍ଗଳା ଠାରେ ଶ୍ରୀଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ ଓ କଟକ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର ଜିଲ୍ଲାରୁ ଶତାଧିକ ବୁଣାକାର ବନ୍ଧୁ ମାନେ ଯୋଗ ଦେଇଥିଲେ। ସଂଗଠନକୁ ସୁଦୃଢ଼ କରିବା ପାଇଁ ଓ ଗତ ଫନି ବାତ୍ୟାରେ କ୍ଷତି ହୋଇଥିବା ବୁଣାକାର ମାନଙ୍କ ସରକାରୀ ସହାୟତା ମିଳି ନଥିବାରୁ ସମସ୍ତ ସଭ୍ୟ ମାନେ ଆଲୋଚନା କରିଥିଲେ। ଫନି ବାତ୍ୟା ହେବାର ୭ ମାସ ବିତି ଯାଇଥିଲେ ମଧ ତୁରନ୍ତ ସହାୟତା ଦେବାପାଇଁ ବିଭାଗୀୟ କତୃପକ୍ଷଙ୍କ ଦୃଷ୍ଟି ଆକର୍ଷନ କରିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଗଲା। ଅଭିଭକ୍ତ କଟକ ଜିଲ୍ଲା କେନ୍ଦ୍ରପଡା, ଯାଜପୁର , ଜଗତସିଂପୁର ଜିଲ୍ଲାରୁ ୧୭ ଜଣ ବୁଣାକାରଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରାଗଲା। କମିଟିରେ ସୁରେନ୍ଦ୍ର କୁମାର ବେହେରା,ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବିଜୟ କୁମାର ଦାସ, ବୃନ୍ଦାବନ ରାଉତ, ନୃସିଂହ ଚନ୍ଦ୍ର ସାହୁ, ଅନନ୍ତ ମହାନ୍ତି, ଶ୍ରୀକାନ୍ତ ନାୟକ, ଶଙ୍କର୍ଷନ ବେହେରା, ଚନ୍ଦ୍ର ମଣି ବେହେରା, ବେଣୁଧର ଦାସ, ରମେଶ ଚନ୍ଦ୍ର ଦାସ, ଜଗବନ୍ଧୁ ପରମାଣିକ, ବିଶ୍ୱନାଥ ଦାସ, ନରେନ୍ଦ୍ର କୁମାର ବେହେରା, ଅଶୋକ କୁମାର ଗୁଇଁ, ବାଇଧର ଦାସ ପ୍ରମୁଖ କମଟିରେ ରହିବା ପାଇଁ ଓ ଆବାହାକ ଭାବେ ଦାୟିତ୍ୱ ବହନ କରିବା ପାଇଁ ଶ୍ରୀଧର ବେହେରାଙ୍କୁ ମନୋନୀତ କରାଯାଇଛି। ବୁଣାଖଅର ମାନଙ୍କ ଉନ୍ନତି ପାଇଁ ଓ ଫନି ବାତ୍ୟାର ସରକାରୀ ସହ ଯୋଗ ପାଇଁ ସମସ୍ତ ପ୍ରକାର ସାହାଯ୍ୟ କରିବାକୁ ବରୀ ବିଧାୟିକାଙ୍କ ପ୍ରତିନିଧି ଶ୍ରୀ ଦାସ ଏକ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

## ଧାନ ସାଇତିବାକୁ ଚାଷୀ ପରିବାରର କସରତ

ଭଦ୍ରକ, (ପିଏନ)-ଆକାଶରେ ଅଦିନିଆ ବର୍ଷାର ବାଦଲ ଦୁଇଦିନ ହେଲା ଚାଷୀଙ୍କୁ ଡରେଇ ରଖିଥିଲା। ହେଲେ ଗତକାଲି ସୂର୍ଯ୍ୟପରାଗ ଥିବାରୁ ସକାଳ ଦିନ ୧୧ ଟା ପର୍ଯ୍ୟନ୍ତ ଅନ୍ଧାରୁଆ ରହିଥିଲା। ଲୋକେ ଭାବୁଥିଲେ ସୂର୍ଯ୍ୟପରାଗ ପାଇଁ ଆକାଶ ଅନ୍ଧାରୁଆ ହୋଇଛି। ଦିନ ୨ଟା ବେଳକୁ ଆକାଶରେ ମେଘଖଣ୍ଡ ଗୁଡିକ ଭାସିବା ସହ ପାଗ ମଧ ବିଗିଡିବା ଆରମ୍ଭ ହୋଇଗଲା। ଦିନ ୩ଟା ବେଳକୁ ଝିପିଝିପି ବର୍ଷା ପକାଇଲା। ହଠାତ୍ ବର୍ଷାକୁ ଦେଖି ଚାଷୀ ହତାଶ ହୋଇପଡିବା ସହ ବିଲ ଓ ଖଳାରେ ପଡିଥିବା ଶୁଖିଲା ଧାନ ଗଦାକୁ ରକ୍ଷା କରିବା ପାଇଁ ସପରିବାରେ ଲାଗିପଡିଲେ। ବିଲରେ କଟା ହୋଇ ପଡିଥିବା ଧାନ ଓ ମେସିନ୍ କାଟି ପକାଇଥିବା ଧାନ ବସ୍ତା ଗୁଡିକୁ ସୁରକ୍ଷିତ ରଖିବା ପାଇଁ ଜରିପାଲ, ପଲିଥିନ ଆଦି ଘୋଡାଇ ରଖିବା କାମରେ ବ୍ୟସ୍ତ ହୋଇପଡିଲେ। ଧାନବିଲ ଓ ଖଳା ସବୁଆଡେ ଖୋଲା ମେଲାରେ ପଡିଛି କଟଡା ଓ ପିଟା ହୋଇଥିବା ଧାନ। ଅମଳବେଳେ ଏପରି ଅଦିନିଆ ମେଘକୁ ଦେଖି ଚାଷୀର ହୋସ୍ ଉଡିଯାଇଛି। କାହାକୁ ରଖିବ କାହାକୁ ଛାଡିବ, ଚିନ୍ତା କରୁ କରୁ ଝିପିଝିପି ବର୍ଷାରେ ଭିଜିଗଲା ଖଳା ଓ ବିଲରେ ପଡିଥିବା ଧାନ। ଚଳିତ ବର୍ଷ ବିଳମ୍ବରେ ଧାନ ଚାଷ ହୋଇଥିଲା ତା ସାଙ୍ଗକୁ ଥୋଡ ବେଳେ ବୁଲବୁଲ ବାତ୍ୟାର ପ୍ରଭାବ ପରେ ରୋଗପୋକ ଆକ୍ରମଣ ଏତେ ଝଡଝଞ୍ଜା ପରେ ଯାହା କିଛି ରହିଥିଲା, ତାକୁ ବି ଦଇବ ସଇଲାନି। ପାଚିଲା ଧାନକୁ ଅମଳ କରିବାବେଳେ ମଧ ଏ ଅଦିନିଆ ବର୍ଷା ଦାଉ ସାଧିଲା ବୋଲି ଚାଷୀମାନେ କ୍ଷୋଭର ସହ କହିଛନ୍ତି। ଏଥର ଅମଳ ଅର୍ଦ୍ଧାଧିକ କମିଥିବାବେଳେ ଆରମ୍ଭ ହୋଇଥିବା ଝିପିଝିପି ବର୍ଷା ଯଦି ଦିନେ କି ଦୁଇଦିନ ପର୍ଯ୍ୟନ୍ତ ଲାଗି ରହେ, ତାହାହେଲେ ଚାଷୀର ଦୁଃଖ ଦ୍ୱିଗୁଣିତ ହୋଇଯିବ। ବର୍ଷ ତମାମ୍ ଲୁହ ଲୁହ ଢାଳି ସାରା ପରିବାର ସହ ମିଶି ଯେଉଁ ଧାନ ଫଳାଇଥିଲା, ସେହି ସୁନାର ଫସଲ ଅଦିନିଆ ବର୍ଷାର ପ୍ରଭାବରେ ଉଜୁଡିଯିବା ପୂର୍ବରୁ ତାହାକୁ ସୁରକ୍ଷିତ ରଖିବା ପାଇଁ ଲାଗି ପଡିଛି ଚାଷୀ ପରିବାର। ସ୍କୁଲରେ ପଢୁଥିବା ନିଜ କୋମଳମତି ଶିଶୁମାନେ ମଧ ଲାଗି ପଡିଛନ୍ତି। ଧାନ କଟଡା ବିଡାକୁ ସାଉଁଟିବାରେ ୧୦/୧୧ ବର୍ଷର ସ୍କୁଲ ଯାଉଥିବା ଝିଅପିଲା ବି ବଡ ଲୋକଙ୍କ ଭଳି ଧାନଭାର ମୁଣ୍ଡାଇ ବିଲରେ ଚାଲୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ୧୦ ବିଡା କଟଡା (ପାଚିଲା ଧାନ ବିଡା) ହେଲେ ବି ବାପା ମାଆଙ୍କୁ ସାହାଯ୍ୟ କରିବାକୁ ଯାଇ ଏହି ପିଲାମାନେ ଧାନଭାର କାନ୍ଧରେ ରଖି କାଦୁଅ ବିଲରେ ଯାଉଛନ୍ତି।

## ଜବରଦଖଲ ଉଚ୍ଛେଦ ବେଳେ ଅଘଟଣ : ତିନି ଶ୍ରମିକ ଗୁରୁତର

ଅନୁଗୋଳ,(ପିଏନ)- ୫୫ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ ନିମନ୍ତେ ଆଜି ସକାଳେ ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ବୁଢ଼ାପଙ୍କ ଗାଁ ଛକରେ ଦୁର୍ଘଟଣା ଘଟି ୩ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି । ଗୁରୁତରଙ୍କ ମଧ୍ୟରୁ ଦୁଇ ଜଣଙ୍କ ଘର ବନ୍ତଳା ଥାନା ଅଧିନ ବଡ଼କେରାରେ ହୋଇଥିବା ବେଳେ ଜଣକ ଘର ଅନୁଗୋଳ ଥାନା ଅଧିନ କୁରୁଡୁଳୁରେ ବୋଲି ଜଣାପଡିଛି । ତେବେ ସେମାନଙ୍କର ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ । ସୂଚନା ଅନୁଯାୟୀ, ୫୫ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ଉଚ୍ଛେଦ ନିମନ୍ତେ ଜଣେ ଠିକାଦାରଙ୍କୁ କାମ ଦିଆଯାଇଥିଲା । ଆଜି ସକାଳେ ବୁଢ଼ାପଙ୍କ ନିକଟରେ ଜଣେ ବ୍ୟକ୍ତିଙ୍କ ଘର ଭଙ୍ଗାଯାଉଥିବା ବେଳେ ଦୁର୍ବଳ ଅବସ୍ଥାରେ ଥିବା ଏହାର ଛାତ ହଠାତ୍ ଭୁଶୁଡ଼ି ପଡିଥିଲା । ଫଳରେ ଘରଭଙ୍ଗା କାର୍ଯ୍ୟରେ ନିୟୋଜିତ ଥିବା ତିନି ଜଣ ଶ୍ରମିକଙ୍କ ଉପରେ ଛାତର କିଛି ଅଂଶ ଖସିପଡିବାରୁ ସେମାନେ ଗୁରୁତର ହୋଇପଡିଥିଲେ । ଖବର ପାଇ ବଅଁରପାଳ ପୋଲିସ ଘଟଣାସ୍ଥଳରେ ପହଂଚିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା । ପୋଲିସ, ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ଉଦ୍ୟମ କ୍ରମେ ତିନି ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି । ତେବେ ଏହି ଦୁର୍ଘଟଣା କିପରି ଓ କେଉଁ ପରିସ୍ଥିତିରେ ଘଟିଲା ପୋଲିସ ସେନେଇ ଅଧିକ ତଦନ୍ତ ଚଳାଇଛି ।

## ଭିଜିଲାନ୍ସ ଜାଲରେ କୋଟିପତି ଫରେଷ୍ଟର

କନ୍ଧମାଳ,(ପିଏନ)- ଆୟ ବର୍ହିଭୁତ ସଂପତି ଠୁଳ ଅଭିଯୋଗରେ ଆଜି ବ୍ରହ୍ମପୁର ଓ ଫୁଲବାଣୀ ଭିଜିଲାନ୍ସ ବିଭାଗ ପକ୍ଷରୁ ବାଲିଗୁଡା ଫରେଷ୍ଟ ଡିଭିଜନ ଅର୍ନ୍ତଗତ ବ୍ରାହ୍ମଣୀଗାଁରେ ଫରେଷ୍ଟର ଥିବା କୈଳାସ ଚନ୍ଦ୍ର ସାହୁଙ୍କ ବାଲିଗୁଡାର ପଣସପୋଡି, ଗୁଳିମରା, ନୂଆସାହୀ, ବିଦ୍ୟୁତ କଲୋନୀ, ସାରଙ୍ଗଡରେ ଥିବା ଘର ସମେତ ବ୍ରହ୍ମପୁର, ପୁରୀ, ଭୁବନେଶ୍ୱର, କଳାହାଣ୍ଡି ଆଦି ୭/୮ ଟି ସ୍ଥାନରେ ଚଢ଼ଉ ହୋଇଛି । ଭିଜିଲାନ୍ସ ବିଭାଗ ଫରେଷ୍ଟର ସାହୁଙ୍କ କୋଟି କୋଟି ଟଙ୍କା ମୂଲ୍ୟର ସଂପତି ଠାବ କରିଥିବା ଜଣାପଡିଛି । ଶ୍ରୀ ସାହୁ ପୂର୍ବରୁ ତୁମୁଡିବନ୍ଧ ଓ କ.ନୂଆଗାଁ ଫରେଷ୍ଟ ରେଂଜ ଦାୟୀତ୍ୱରେ ଥିବା ସମୟରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା । ଫୁଲବାଣୀ ଭିଜିଲାନ୍ସ ଡିଏସପି ରବୀନ୍ଦ୍ର ସୁନାଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବା ଡିଏସପି ରବୀନ୍ଦ୍ର ସୁନା କହିଛନ୍ତି ।

## ସ୍ୱର୍ଗଦ୍ୱାରରେ ସାମ୍ବାଦିକ ପ୍ରଭାତ କୁମାର ଦାଶଙ୍କ ଶେଷକୃତ୍ୟ ସମ୍ପନ୍ନ

ପୁରୀ, (ପିଏନ)- ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ତଥା ପ୍ରେସ୍ କାଉନସିଲ୍ ଅଫ ଇଣ୍ଡିଆର ସଦସ୍ୟ ପ୍ରଭାତ କୁମାର ଦାଶଙ୍କ ଶେଷକୃତ୍ୟ ଆଜି ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ ହୋଇଛି । ତାଙ୍କ ବଡ଼ ଝିଅ ପଥଶ୍ରାଦ୍ଧ ସହ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗଦ୍ୱାରରେ ତାଙ୍କ ସାନଝିଅ, ଜ୍ୱାଇଁଙ୍କ ସମେତ ପ୍ରତିଦିନର ସମ୍ପାଦକ ସୁଧିର କୁମାର ପଣ୍ଡା, ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସମ୍ପାଦକ ଶଶିଭୂଷଣ ପ୍ରହରାଜ, ପୁରୀ ଜିଲ୍ଲା ସଭାପତି ବିଜୟ ମିଶ୍ର, ସାମ୍ବାଦିକ ପ୍ରଦୀପ କୁମାର ନାୟକ, ସଂଘର କର୍ମକର୍ତା, ଲାଲା ଅନନ୍ତ କୁମାର ସିଂ, ଭୁବନେଶ୍ୱରର ବହୁ ସାମ୍ବାଦିକ ଓ ବୁଦ୍ଧିଜିବୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ ।ସ୍ୱର୍ଗତ ଦାଶ ଭୁବନେଶ୍ୱର ପାଇଁ ପ୍ରତିଦିନର ଅଧିସ୍ୱୀକୃତ ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିଲେ । ଏପରିକି ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ଦ୍ୱିତୀୟ ଥର ସଦସ୍ୟ ଭାବେ ସେ କାର୍ଯ୍ୟରତ ଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ବ୍ୟକ୍ତିଗତ ରାଜନୈତିକ ସଚିବ ଭାବେ ସେ କାର୍ଯ୍ୟ କରିଥିଲେ । ଓଡ଼ିଶାର ସାମ୍ବାଦିକ ମାନଙ୍କ ପାଇଁ ଲଢ଼େଇ କରି ସାମ୍ବାଦିକ ଗଣନା, ସ୍ୱାସ୍ଥ୍ୟବୀମା, ପେନସନ୍ ଯୋଜନା ପ୍ରଚଳନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ସାଂଗଠନିକ ଦକ୍ଷତା ଯୋଗୁଁ ୩୦ ଜିଲ୍ଲାରେ ସଂଘର ୧୨ ଶହରୁ ଅଧିକ ସଦସ୍ୟ ରହିଛନ୍ତି । ଆଜିର ଦିନରେ ତାଙ୍କ ଅମର ଆତ୍ମାର ସଦଗତି କାମନା ପୂର୍ବକ ପୁରୀ ଠାରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ପାଳିତ



ରାଉରକେଲା, (ପିଏନ) : ଜିଲ୍ଲା କଂଗ୍ରେସ ତରଫରୁ ସେକ୍ଟର-୮ କାର୍ଯ୍ୟାଳୟରେ ଭାରତୀୟ ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ କଂଗ୍ରେସ ନେତୃବୃନ୍ଦ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ ଜଣାଇବା ପରେ ମୁଖ୍ୟ ଅତିଥି ଜାତୀୟ କଂଗ୍ରେସ ପତାକା ଉ ୋଳନ କରି ଉପସ୍ଥିତ ନେତୃବୃନ୍ଦ ଓ କର୍ମୀମାନଙ୍କୁ ସମ୍ବୋଧନ କରି କଂଗ୍ରେସ ଦଳର ଐତିହ୍ୟ, ସଂସ୍କୃତି ଓ ଆଦର୍ଶ ବିଷୟରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କଂଗ୍ରେସ ଦଳ ଭାରତର ସ୍ୱାଧୀନତାରେ ଯେଉଁଭଳି କାର୍ଯ୍ୟ କରି ସ୍ୱାଧୀନ କରାଇଥିଲା ଆଜି ମଧ କଂଗ୍ରେସ ଦଳର କର୍ମୀମାନଙ୍କୁ ସେହିଭଳି କାର୍ଯ୍ୟ କରି ସୁନ୍ଦରଗଡ ଜିଲ୍ଲା ଓ ରାଉରକେଲାରେ ବିଜୟୀ କରାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରିବେ ବୋଲି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ, ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ଦେବବ୍ରତ ବିହାରୀ, ଜ୍ଞାନେନ୍ଦ୍ର ଦାସ, ସୁନୀଲ ପଟ୍ଟନାୟକ, ମାତାଦିନ ଜୟସ୍ୱାଲ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ସରୋଜ ଜେନା, ବିଶ୍ୱରଞ୍ଜନ ରାଉତ, ଦିଲ୍ଲୀପ ଜେନା, ଚକ୍ରଧର ମାହାତୋ, ବନ୍ଦେ ଏକ୍କା, ବିଶ୍ୱଜିତ ସାହୁ, ତ୍ରିଲୋଚନା ବେହେରା, ଦିଗ୍‌ବିଜୟ ସାହୁ, ଅଲତାଫ ହୁସେନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକ ସଫଳ ରୂପାୟନ କରିଥିଲେ ।

### ଆଦାନୀ ଧାମରା ପୋର୍ଟ ଭଲିବଲ ଟୁର୍ଣ୍ଣାମେଣ୍ଟ

## କରନପଲ୍ଲୀକୁ ହରାଇ ଅମରନଗର ବିଜୟୀ




ଧାମରା,(ପିଏନ): ଗ୍ରାମାଞ୍ଚଳରେ ଶିକ୍ଷା ସହିତ ଯୁବ ପ୍ରତିଭାମାନଙ୍କୁ ଖେଳକୁଦ ଏବଂ କ୍ରୀଡ଼ାକୁ ଅଧିକ ଆକୃଷ୍ଟ କରାଯିବା ପରିପ୍ରେକ୍ଷୀରେ ଆଦାନୀ ଧାମରା ପୋର୍ଟ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଅଛି । ଏହି କ୍ରମରେ ଗତ ୨୬ତାରିଖରେ ଦୋସିଙ୍ଗା ବଜାରଠାରେ ଦୁଇଦିନିଆ ଗ୍ରାମପଞ୍ଚାୟତ ସ୍ତରର ଦ୍ୱାଦଶ ଭଲିବଲ ଟୁର୍ଣ୍ଣାମେଣ୍ଟ ସମାପ୍ତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଧାମରା ବନ୍ଦର ପାର୍ଶ୍ୱବର୍ତ୍ତୀ ୮ ଟି ଗ୍ରାମପଞ୍ଚାୟତର ୧୦ ଟି ଦଳ ଭାଗ ନେଇଥିଲେ । ଏହି ଦୁଇ ଦିନିଆ ଟୁର୍ଣ୍ଣାମେଣ୍ଟରେ ଦୋସିଙ୍ଗା ଗ୍ରାମପଞ୍ଚାୟତର ଅମରନଗର ଦଳ କରଣପଲ୍ଲୀ ପଞ୍ଚାୟତର କରଣପଲ୍ଲୀ ଦଳକୁ ୨୫:୨୧ସେଟ୍ ରେ ପରାସ୍ତ କରି ବିଜୟୀ ହୋଇଛି । ଉଭୟ ବିଜୟୀ ଏବଂ ରନର୍ସ ଅପ୍ ଦଳକୁ ଭଦ୍ରକ ଜିଲା କ୍ରୀଡ଼ା ଅଧିକାରୀ ମନୋଜ କୁମାର ଦାସ ପୁରସ୍କୃତ କରିଥିଲେ ।

ଏହି ଅବସରରେ ମନୋଜ ଦାସ ସ୍ଥାନୀୟ ଯୁବପ୍ରତିଭାମାନଙ୍କୁ ଆଗକୁ ଆସି ବିଭିନ୍ନ କ୍ରୀଡ଼ାରେ ଭାଗ ନେଇ ନିଜ ପଞ୍ଚାୟତ, ଜିଲା ଏବଂ ରାଜ୍ୟ ପାଇଁ ଗୌରବ ଆଣିବାକୁ ପ୍ରୋତ୍ସାହିତ କରିଥିଲେ । ଆଗାମୀ ଦିନରେ ଏହିପରି ଅନେକ କ୍ରୀଡ଼ା ତଥା ଖେଳକୁଦ ପ୍ରଦର୍ଶନ ଜିଲାରେ ଜାରି ରହିବ ବୋଲି ସେ କହିଥିଲେ । ଦୀର୍ଘ ଦଶନ୍ଧି ଧରି ଆଦାନୀ ଡିପିସିଏଲ ଦ୍ୱାରା ଆୟୋଜିତ ହୋଇଆସୁଥିବା ଏହି ଟୁର୍ଣ୍ଣାମେଣ୍ଟକୁ ପଞ୍ଚାୟତ ସମିତି ସଦସ୍ୟମାନେ ଉଚ୍ଚ ପ୍ରଶଂସା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫ମ ଜାତୀୟ ଶ୍ରବଣବାଧିତ ମହିଳା ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର(ପିଏନ)-ଆଜି ଭୁବନେଶ୍ୱରସ୍ଥ କିଟ୍ ପ୍ରେକ୍ଷାଳୟରେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ସଭାପତି ଶ୍ରୀମତୀ ଦିପ୍ତି ବହିଦାରଙ୍କ ସଭାପତିତ୍ୱରେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘ ତରଫରୁ ୫ମ ଜାତୀୟ ଶ୍ରବଣବାଧିତ ମହିଳା ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ସାଂସ୍କୃତିକ ସମାରୋହରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ସମ୍ମାନୀୟ ପ୍ରଫେସର୍ ଡକ୍ଟର ସସ୍ମିତା ରାଣୀ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମହୋଦୟା ନିଜର ଓଜସ୍ୱିନୀ ଭାଷଣ ମାଧ୍ୟମରେ ଶ୍ରବଣବାଧିତ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ସମାରୋହରେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ଉପ ସଭାପତି ଶ୍ରୀମତୀ ଗୌରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ଉପଦେଷ୍ଟା ସତ୍ୟ ରଂଜନ ପଟ୍ଟନାୟକ ଓ ଅନୁବାଦକ ପ୍ରମୋଦ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ତଥା ସାମାଜିକ କର୍ମୀ ସମ୍ମାନୀୟ ଡକ୍ଟର ଇନ୍ଦ୍ରାଣୀ ସାମନ୍ତ, ଜାତୀୟ ମହିଳା ଶ୍ରବଣବାଧିତ ମହାସଂଘର ସାଧାରଣ ସମ୍ପାଦିକା ତଥା ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ପ୍ରତିଷ୍ଠାତା ଶ୍ରୀମତୀ ଉମା କାପୁର, ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ଉପ ସଭାପତି ଶ୍ରୀମତୀ ସ୍ମୃତି ନାୟକ, ଓଡ଼ିଶା ଶ୍ରବଣବାଧିତ ସଂଘର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବି.କେ ପରିଡା ଓ ଓଡ଼ିଶା ସରକାରଙ୍କ ଦିବ୍ୟାଙ୍ଗଜନ ଆୟୋଗର କମିଶନର ଶ୍ରମତୀ ସୁଲୋଚନା ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ବକ୍ତବ୍ୟମାନ ପ୍ରଦାନ କରିଥିଲେ । ଏହି ଅବସରରେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘ ପକ୍ଷରୁ ଶ୍ରବଣବାଧିତ ମହିଳାମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗୀତାରେ ୧୩ଟି ରାଜ୍ୟରୁ ପ୍ରାୟ୪୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ଏବଂ ସେଥିମଧ୍ୟରୁ ପ୍ରାୟ ୨୦୦ଜଣ ଶ୍ରବଣବାଧିତ ମହିଳା ଭାଗ ନେଇ ସେମାନଙ୍କର କଳା ଓ ସଂସ୍କୃତିକୁ ନିଖୁଣତାର ସହ ପରିବେଷଣ କରିଥିଲେ । ଶେଷରେ ରାଜ୍ୟ ମହିଳା ଶ୍ରବଣବାଧିତ ସଂଘର ସାଧାରଣ ସମ୍ପାଦିକା ମିସ୍ ମିନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




# ଭୂତାଣୁ ସଂକ୍ରମଣ ଜନିତ ରୋଗ : ନିପା



ସାରା ଭାରତରେ ନିପା ଭାଇରସ କହିବାକୁ ଗଲେ ଆତଙ୍କ ଖେଳାଇ ଦେଲାଣି। ଅନେକ ହୁଏତ ଜାଣିନଥିବେ ବାଙ୍ଗଲାଦେଶରେ ୨୦୦୧ ମସିହାରୁ ଆଠଥର ଏହି ମହାମାରୀ ସାଧାରଣରେ ଆତଙ୍କ ଦେଖାଇ ବ୍ୟାପିଗଲାଣି। ହେନିପାଭାଇରସ ପ୍ରଜାତିର ପାରାମାଇକ୍ସୋଭିରିଦେ ପରିବାରର ଏହି ନିପା ଭାଇରସ ଚେମେଣି ମାଧ୍ୟମରେ ବ୍ୟାପିଥାନ୍ତି। ୧୯୯୮ ମସିହାରେ ଘୁଷୁରିମାନଙ୍କର ଶ୍ୱାସଜନିତ ସମସ୍ୟା କାରଣରୁ ଏହି ରୋଗ ଚିହ୍ନଟ କରାଯାଇଥିଲା। ମାଲେସିଆର ସନଗାଇ ନିପା ନାମକ ଗାଁର ନାମାନୁସାରେ ଏପରି ନାମକରଣ କରାଯାଇଛି। ଡାଭୋସରେ ହୋଇଥିବା ବିଶ୍ୱ ଅର୍ଥନୈତିକ ଫୋରମରେ ବୈଜ୍ଞାନିକମାନେ କହିଛନ୍ତି ଯେ, ବିଶ୍ୱର ୪୬୦ ଲକ୍ଷ ଲୋକ ବିଶ୍ୱସ୍ତରୀୟ ସଂକ୍ରାମକ ରୋଗ - ଲାସା, ମରସ ଏବଂ ନିପା ଦ୍ୱାରା ପୀଡ଼ିତ ହୋଇଥାନ୍ତି। ଜଣେ ବ୍ୟକ୍ତିର ଶରୀରରେ ନିପା ଭୂତାଣୁ ପ୍ରବେଶ କରିବାର ୫ରୁ ୧୪ ଦିନ ଭିତରେ ବିଭିନ୍ନ ଲକ୍ଷଣ ପ୍ରକାଶ କରିଥାଏ। ସାଧାରଣରେ ବାହାରକୁ ଜଣା ନପଡୁଥିବା ଏହି ମାରାତ୍ମକ ଭୂତାଣୁ ମଣିଷ ମାନଙ୍କ ମଧ୍ୟରୁ ୭୪.୫ ପ୍ରତିଶତଙ୍କ ଜୀବନ ନେଇଥାଏ। ଏହି ରୋଗର ଅନେକ ଗୁଡ଼ିଏ ଲକ୍ଷଣ ରହିଛି। ହଠାତ୍ ଜ୍ୱର ହେବା, ମୁଣ୍ଡବିନ୍ଧା ସହ ଘୋଳାବିନ୍ଧା, ବିଚଳିତ ଲାଗେ, ମାଂସପେଶୀରେ ଯନ୍ତ୍ରଣା ଅନୁଭୂତ ହୁଏ, ନିଃଶ୍ୱାସ ନେବାରେ କଷ୍ଟ ହୋଇ ଅସ୍ତବ୍ୟସ୍ତ ଅନୁଭବ କରିବା, ପାକସ୍ଥଳୀ ଯନ୍ତ୍ରଣା ହୁଏ, ବାନ୍ତି ହୁଏ, ଥକ୍କା ଲାଗେ, ମାନସିକ ଭ୍ରମ ସୃଷ୍ଟି ହୁଏ ଓ ମୁଣ୍ଡ ଫୁଲିଯାଏ। ଯଦି କୌଣସି ବ୍ୟକ୍ତିଙ୍କ ଠାରେ ଉପରୋକ୍ତ ଲକ୍ଷଣ ପ୍ରକାଶ ପାଉଛି ତେବେ ବିଳମ୍ବ ନକରି ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। ଚିକିତ୍ସା ବିଜ୍ଞାନରେ ଏଲିସା ପରୀକ୍ଷା ଏବଂ ଆର.ଟି.ପି.ସି.ଆର ଏବଂ ସିଫଟ ପରୀକ୍ଷାରେ ଏହି ରୋଗ ସଂକ୍ରମଣ ବିଷୟରେ ନିଶ୍ଚିତ ସୂଚନା ମିଳିପାରିଥାଏ। ପରୀକ୍ଷା ରିପୋର୍ଟରୁ ଯଦି ରୋଗ ସଂକ୍ରମଣ ହୋଇଥିବା ନିଶ୍ଚିତ ଜଣାପଡ଼େ, ତେବେ ଡାକ୍ତରଖାନାରେ ଏହି ରୋଗ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ୱାର୍ଡ଼ରେ ରଖି ଚିକିତ୍ସା କରାଯିବା ଅପରିହାର୍ଯ୍ୟ। ଏହାର ସଂକ୍ରମଣ ତତ୍କାଳତା ଏପରି ଯେ ନିପା ଭାଇରସ ସଂକ୍ରମିତ ରୋଗୀ ଜଣଙ୍କ ମାତ୍ର ୨୪ରୁ ୪୮ ଘଣ୍ଟା ଭିତରେ କୋମା ଅବସ୍ଥାକୁ ଚାଲିଯାଇପାରେ। ତେଣୁ ରୋଗୀର ତୁରନ୍ତ ଓ ଉପଯୁକ୍ତ ଚିକିତ୍ସା କରାଯିବା ଉଚିତ। ରୋଗରେ ପଡ଼ି ଧନକ୍ଷୟ ପ୍ରାଣପୀଡ଼ା ଅପେକ୍ଷା ରୋଗ କିଭଳି ଆଦୌ ନହେବ ସେ ଦିଗରେ ସମସ୍ତେ ସତର୍କ ଓ ସାବଧାନ ରହିବା ଉଚିତ। ସଚେତନତା ହିଁ ଏକମାତ୍ର ଉପାୟ। ଆମେ ସମସ୍ତେ ଜାଣିବା ଦରକାର ଯେ ନିପା ଭୂତାଣୁ ସଂକ୍ରମଣରେ କୌଣସି ଫଳପ୍ରଦ ଚିକିତ୍ସା ନାହିଁ ଅବା ନିରାକରଣ ନିମନ୍ତେ କୌଣସି ଟୀକା ନାହିଁ। ତେଣୁ ସ୍ୱାସ୍ଥ୍ୟକାରକ ସାବଧାନତା ଅବଲମ୍ବନ ହିଁ ଏହି ରୋଗର ସବୁଠୁ ବଡ଼ ଚିକିତ୍ସା।

ସାଧାରଣରେ ବୃକ୍ଷରେ ଝୁଲୁଥିବା ବାଦୁଡ଼ି ଏହି ରୋଗର ମୁଖ୍ୟ ବାହକ। ତେଣୁ ଯଥା ସମ୍ଭବ ବାଦୁଡ଼ି ଅଧିକ ଥିବା ଅଞ୍ଚଳକୁ ଯାଆନ୍ତୁ ନାହିଁ। ବାଦୁଡି ଖଣ୍ଡିଆ କରିଥିବା ଫଳ ଖାଆନ୍ତୁ ନାହିଁ। ବାଦୁଡ଼ିର ମଳମୂତ୍ର, ଲାଳ ଏହି ରୋଗ ବ୍ୟାପିବାରେ ସହାୟକ ହେଉଥିବାରୁ ଫଳ ଭଲ ଭାବରେ ଧୋଇ ପରିଷ୍କାର କରି ଖାଆନ୍ତୁ। ନିପା ସଂକ୍ରମିତ ରୋଗୀ ଠାରୁ ନିରାପଦ ଦୂରତାରେ ରୁହନ୍ତୁ। ରୋଗୀକୁ ଛୁଅନ୍ତୁ ନାହିଁ। ରୋଗ ସଂକ୍ରମିତ ଅଞ୍ଚଳର ମନୁଷ୍ୟ, ଘୁଷୁରି ଏବଂ ବାଦୁଡ଼ି ମାନଙ୍କ ଠାରୁ ଯଥେଷ୍ଟ ଦୂରତା ଅବଲମ୍ବନ କରନ୍ତୁ। ସଂକ୍ରମିତ ରୋଗୀ ମରିଗଲେ ତା ମୁହଁକୁ ଢ଼ାଙ୍କି ଦିଅନ୍ତୁ। ମୃତ ଦେହକୁ ନ ଛୁଇଁବା ଭଲ। ମୃତ ଦେହ ଯେମିତି ଭଲ ଭାବରେ ପୋଡିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ରୋଗୀ ବ୍ୟବହାର କରିଥିବା ଲୁଗାପଟା, ମାସ୍କ, ବିଛଣା ଆଦି ଭଲ ଭାବରେ ପୋଡି ଦିଅନ୍ତୁ। ସଂକ୍ରମିତ ରୋଗୀଙ୍କ ସହ ଆଲିଙ୍ଗନ, କରମର୍ଦ୍ଦନ କିମ୍ବା ଚୁମ୍ବନ କରନ୍ତୁ ନାହିଁ। ରୋଗୀଙ୍କୁ ଭେଟିବାକୁ ଡାକ୍ତରଖାନା ଯାଉଥିଲେ, ମୁହଁରେ ସ୍ୱାସ୍ଥ୍ୟପ୍ରଦ ମୁଖା, ହାତରେ ଗ୍ଲୋଭସ ଓ ଆଖିରେ ଚଷମା ପିନ୍ଧନ୍ତୁ। ସଂକ୍ରମିତ ବ୍ୟକ୍ତିର ଲାଳରୁ ମଧ୍ୟ ଭୂତାଣୁ ଅନ୍ୟ ଶରୀରରେ ପ୍ରବେଶ କରିପାରେ। ତେଣୁ ସଂକ୍ରମିତ ବ୍ୟକ୍ତିର ଅଇଁଠା ଖାଆନ୍ତୁ ନାହିଁ କିମ୍ବା ସାଙ୍ଗରେ ମଧ ଖାଆନ୍ତୁ ନାହିଁ। ଦାୟିତ୍ୱ ନଥିଲେ ବସଷ୍ଟାଣ୍ଡ, ରେଳ ଷ୍ଟେସନ, ଏୟାରପୋର୍ଟ ଭଳି ସର୍ବସାଧାରଣ ସ୍ଥାନକୁ ଯାଆନ୍ତୁ ନାହିଁ। ଭିଡ଼ ସ୍ଥାନ ଯଥା ବଜାର, ହାଟ, ମେଳା, ମହୋତ୍ସବ କ୍ଷେତ୍ରକୁ ନଯିବା ମଧ ଭଲ। ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରୁହନ୍ତୁ। ଯାହାବି ଖାଆନ୍ତୁ ନା କାହିଁକି ତା ପୂର୍ବରୁ ମୁହଁ, ହାତ, ଗୋଡ ଆଦି ଭଲ ଭାବରେ ଧୁଅନ୍ତୁ। ଖଜୁରୀ ତାଡି ସଂଗ୍ରହ ପାଇଁ ଗଛରେ ଟଙ୍ଗା ଯାଇଥିବା ମାଟିପାତ୍ରରେ ବାଦୁଡ଼ିମାନେ ପ୍ରାୟତଃ ମୁହଁ ପୁରାଇଥାନ୍ତି। ଯାହାଦ୍ୱାରା ସେମାନଙ୍କର ଲାଳ ମିଶିଥାଏ। କେବଳ ସେତିକି ନୁହେଁ ସେମାନେ ମଳମୂତ୍ର ମଧ୍ୟ ତ୍ୟାଗ କରିଥାନ୍ତି। ଯାହାଦ୍ୱାରା ବାଦୁଡ଼ିର ଲାଳ ଓ ମଳମୂତ୍ର ମାଧ୍ୟମରେ ନିପା ଭୂତାଣୁ ଏହି ଖଜୁରୀ ତାଡିରେ ମିଶିଥାଏ। ତେଣୁ ଖଜୁରୀ ତାଡି ପିଅନ୍ତୁ ନାହିଁ।

ଆମ ଭାରତର କେରଳରେ ନିପା ଭାଇରସ ସଂକ୍ରମଣ ପ୍ରଥମ ରାଜ୍ୟ ଭାବେ ଚର୍ଚ୍ଚିତ ହେଉଛି। ତେଣୁ କେରଳରୁ ଆସୁଥିବା ଦେଶୀୟ ଓ ଋତୁକାଳୀନ ଫଳ - କଦଳୀ, ନଡ଼ିଆ, ଆମ୍ବ, ଖଜୁରି ଆଦି ଖାଆନ୍ତୁ ନାହିଁ। ଯଦି ଫଳରେ କଟାଦାଗ ଥାଏ କିମ୍ବା ବାଦୁଡ଼ି ଖଣ୍ଡିଆ କରିଥିବାର ଦେଖନ୍ତି ତାହେଲେ କିଣନ୍ତୁ ନାହିଁ। ଆମ ଭାରତର ପୁନେସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଭିରୋଲୋଜିରେ ଏଲିସା ଟେଷ୍ଟ ଦ୍ୱାରା ଜଣେ ବ୍ୟକ୍ତି ନିପା ଭାଇରସରେ ଆକ୍ରାନ୍ତ କି ନୁହଁ ତାହା ଯାଞ୍ଚ କରାଯିବାର ବ୍ୟବସ୍ଥା ରହିଛି। ଓଡ଼ିଶାରେ ନିପା ଭାଇରସ ସଂକ୍ରମଣଜନିତ କୌଣସି ରୋଗୀ ଆକ୍ରାନ୍ତ ହୋଇନାହାଁନ୍ତି। ଏଯାବତ କେବଳ କେରଳରେ ନିପା ଭାଇରସ ୧୬ଜଣଙ୍କ ଜୀବନ ନେଇଛି। ସେହିପରି ହିମାଚଳ ପ୍ରଦେଶ, ଦିଲ୍ଲୀ, ମଧ୍ୟପ୍ରଦେଶ, ତାମିଲନାଡ୍ତୁ, ପୁଡୁଚେରୀ, ତେଲେଙ୍ଗାନା, ବିହାର, ଗୋଆ, ରାଜସ୍ଥାନ ପ୍ରଭୃତି ରାଜ୍ୟରେ ସରକାର ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟ ସତର୍କତା ନେଇ ପରାମର୍ଶ ଦେଇଛନ୍ତି। ନିପା ଭୂତାଣୁ ସଂକ୍ରମଣ ପ୍ରତିହତ କରିବା ପାଇଁ ଏଯାବତ କୌଣସି ଫଳପ୍ରଦ ଟୀକା ଉଦ୍ଭାବନ ହୋଇନାହିଁ। ଏହି ରୋଗର କୌଣସି ପ୍ରତିଷେଧକ ବ୍ୟବସ୍ଥା ମଧ ନାହିଁ। ଫଳପ୍ରଦ ଚିକିତ୍ସା ନଥିବାରୁ କେବଳ ଲକ୍ଷଣ ଅନୁଯାୟୀ ଚିକିତ୍ସା ବ୍ୟବସ୍ଥା କରାଯାଇଥାଏ। ନିପା ସଂକ୍ରମଣରେ ରୋଗୀର ଲିଭର, କିଡ଼୍ନୀ ଆକ୍ରାନ୍ତ ହେବାର ସେପରି ସମ୍ଭାବନା ନଥାଏ। ଏପରିକି ଆଣ୍ଟିବାୟୋଟିକ ପ୍ରୟୋଗ, ଶିରା ମାଧ୍ୟମରେ ତରଳ ଔଷଧ ପ୍ରୟୋଗ, ପେନକିଲର ଦିଆଯାଇ ଚିକିତ୍ସା କରାଯାଇଥାଏ। ତେଣୁ ସର୍ବଦା ସତର୍କତା ଅବଲମ୍ବନ କରାଯିବା ଉଚିତ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,**
**ବିଭାଗୀୟ ମୁଖ୍ୟ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## 'ସେସୁ'ର ଘରୋଇକରଣ ନିଷ୍ପତ୍ତିକୁ ଦୃଢ଼ ବିରୋଧ

ଭୁବନେଶ୍ୱର (ପିଏନ୍)-ଓଡ଼ିଶା ରାଜ୍ୟ ସରକାରଙ୍କ ପରିଚାଳନାଧୀନ ବିଦ୍ୟୁତ୍ ବିତରଣ ସଂସ୍ଥା 'ସେସୁ'କୁ ଟାଟା ପାୱାର କମ୍ପାନୀ ହାତରେ ଶାଗ ମାଛ ଦରରେ ଟେକିଦେବାପାଇଁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଜରିଆରେ ରାଜ୍ୟ ସରକାର ଗ୍ରହଣ କରିଥିବା ଚୂଡ଼ାନ୍ତ ଜନବିରୋଧୀ ନିଷ୍ପତ୍ତିକୁ ଏସ୍‌ୟୁସିଆଇ (ସି) ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଦଳର ରାଜ୍ୟ ସମ୍ପାଦକ ଶ୍ରୀ ଧୂର୍ଜଟୀ ଦାସ ଏକ ବିବୃତି କହିଛନ୍ତି ଯେ- ରାଜ୍ୟ ସରକାର ୪,୪୬୧ କୋଟି ଟଙ୍କା ମୂଲ୍ୟର 'ସେସୁ' କମ୍ପାନୀକୁ ମାତ୍ର ୩୦୦ କୋଟି ଟଙ୍କାରେ 'ଟାଟା ପାୱାର୍ସ'କୁ ବିକ୍ରି କରିବାପାଇଁ ନିଷ୍ପତି କରି ରାଜ୍ୟବାସୀଙ୍କ ପ୍ରତି ଚରମ ବିଶ୍ୱାସଘାତକତା କରିଛନ୍ତି। ଏହି ସନ୍ଦେହଜନକ କାରବାରରେ ବ୍ୟାପକ ଦୁର୍ନୀତିର ସୂଚନା ମିଳୁଛି। ରାଜ୍ୟର ୯ଟି ଜିଲ୍ଲାର ୨୬ ଲକ୍ଷ ୪୬ ହଜାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା 'ସେସୁ'ର ଘରୋଇକରଣ କରି ସରକାର ସାଧାରଣ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅକଥନୀୟ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛନ୍ତି। ଏହାବ୍ୟତୀତ ବଡ଼ ବଡ଼ ଶିଳ୍ପ ସଂସ୍ଥା ଉପରେ ୨୦୮ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବାକି ପଡ଼ିଥିବାବେଳେ ଜାନୁୟାରୀ ୧୫ ତାରିଖ ସୁଦ୍ଧା ବିଲ ପଇଠ ନ କଲେ ସାଧାରଣ ଖାଉଟିଙ୍କ ଘରୁ ବିଦ୍ୟୁତ୍ ଯୋଗାଣ କାଟିଦିଆଯିବ ବୋଲି ନୋଟିସ୍ ଜାରୀ କରିବା ଆହୁରି ଦୁର୍ଭାଗ୍ୟଜନକ। ବିଗତ ଶତାବ୍ଦୀର ନବେ ଦଶକର ପ୍ରାରମ୍ଭରେ ତତ୍କାଳୀନ କେନ୍ଦ୍ର କଂଗ୍ରେସ ସରକାର ଦେଶରେ ଘରୋଇକରଣ, ଉଦାରୀକରଣ, ଜଗତୀକରଣ ନୀତି ପ୍ରଚଳନ କରିବା ପରେ ଦେଶର ପ୍ରଥମ ରାଜ୍ୟ ଭାବରେ ୧୯୯୭ ମସିହାରେ ଓଡ଼ିଶାରେ ବିଦ୍ୟୁତ୍ କ୍ଷେତ୍ରର ଘରୋଇକରଣ କରାଯାଇଥିଲା। ସୁଲଭ ମୂଲ୍ୟରେ ଉପଭୋକ୍ତାମାନଙ୍କୁ ଉଚ୍ଚମାନର ବିଜୁଳିଶକ୍ତି ଯୋଗାଇବାର ଘୋଷିତ ଲକ୍ଷ୍ୟରେ କରାଯାଇଥିବା ଘରୋଇକରଣର ୨୩ ବର୍ଷ ପରେ ଆଜି ସାଧାରଣ ବିଦ୍ୟୁତ୍ ଉପଭୋକ୍ତା କ୍ରମବର୍ଦ୍ଧମାନ ବିଦ୍ୟୁତ୍ ଶୁଳ୍କ ବୋଝରେ ହାହାକାର କରୁଛନ୍ତି। ଲୋ-ଭୋଲ୍‌ଟେଜ୍ ଓ ବିଦ୍ୟୁତ୍‌କାଟ ଆହୁରି ଉତ୍କଟ ହୋଇଛି। ଘରୋଇ ବିଦ୍ୟୁତ୍ କମ୍ପାନୀମାନେ ପୁଞ୍ଜି ବିନିଯୋଗ କରିବା ଦୂରେଥାଉ ରାଜକୋଷକୁ ହରିଲୁଟ୍ କରିଚାଲିଛନ୍ତି। ଏହିଭଳି ସମୟରେ 'ସେସୁ'ର ଘରୋଇକରଣ କରି ରାଜ୍ୟ ସରକାର ରାଜ୍ୟବାସୀଙ୍କ ଝାଳବୁହାଧନରେ ଗଢ଼ି ଉଠିଥିବା ବିଦ୍ୟୁତ୍ ଭିତ୍ତିଭୂମିକୁ ବ୍ୟବହାର କରି, ସାଧାରଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣକରି ଘରୋଇ କମ୍ପାନୀଙ୍କୁ ଲାଭଲୁଟ୍‌ର ନିରଙ୍କୁଶ ସୁଯୋଗ ଦେଇଛନ୍ତି। ରାଜ୍ୟ ସରକାରଙ୍କର ଏହି ଧରଣର ଚୂଡ଼ାନ୍ତ ଜନସ୍ୱାର୍ଥ ବିରୋଧୀ ନିଷ୍ପତି ବିରୁଦ୍ଧରେ ପ୍ରତିବାଦ ଓ ପ୍ରତିରୋଧ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଶ୍ରୀ ଦାସ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

# ବର୍ଷ ବଦଳୁଛି : ପ୍ରକୃତି, ପ୍ରବୃତ୍ତି ବଦଳୁନି



ପୁରୁଣା ବର୍ଷ ବିଦାୟ ନେଇ ନୂଆବର୍ଷ ଆସିଛି କିନ୍ତୁ ବଦଳି ନାହିଁ ପ୍ରବୃତ୍ତି ଓ ପ୍ରକୃତି। ଅନୁଜ ପ୍ରତୀମ ଶ୍ରୀକାନ୍ତ ନୂଆବର୍ଷ ପୂର୍ବରୁ ପଚାରିଲା ମୋତେ ' ନୂଆ ବର୍ଷ କିପରି କଟାଇବେ?' ମୁଁ କହିଲି - 'ପ୍ରତିଦିନ ଯାହା କରେ, ସେ ଦିନ ବି ସେଇଆ, କିନ୍ତୁ କିଛି ଫୋନ ପାଇବି ଆଉ ଶୁଭେଚ୍ଛା ଜଣାଇବି ମଧ୍ୟ, ଭେଟଭାଟ, ସୁଖଦୁଃଖ ବଣ୍ଟା ଆଉ ପାରମ୍ପରିକତା ବାହାନାରେ ଭାବ ଆଦାନ ପ୍ରଦାନର ମୁହୂର୍ତ୍ତରେ କିଛି ମନେ ରଖିବା ଭଳି ଅନୁଭୂତି ରଖିବି।' ବାସ୍ତବ କଥା ହେଉଛି ପ୍ରତିଦିନ ଆମ୍ଭେମାନେ ଯାହା କରୁ ସେ ଦିନ ବି ସେଇଆ। କିନ୍ତୁ ଅସଲ କଥା ହେଉଛି ଯଦି କିଛି ଭଲ କରିବା ପାଇଁ ଚାହୁଁଥାନ୍ତି ତାହାଲେ ତାହାପାଇଁ ଶୁଭ, ଅଶୁଭ, ନୂଆବର୍ଷ ଏ ପ୍ରସଙ୍ଗ କେଉଁଠୁ ଆସେ? ଭଗବାନ ଶ୍ରୀସତ୍ୟସାଇ ବାବା କହିଛନ୍ତି ପ୍ରତିଟି ଦିନ, ପ୍ରତିଟି ମୁହୂର୍ତ୍ତ ସମସ୍ତଙ୍କ ପାଇଁ ଦିବ୍ୟ ମୁହୂର୍ତ୍ତ, ସ୍ମରଣୀୟ ଖାଲି ତଫାତ ହେଉଛି ଭଲ କାମ କରିବାର ସଂକଳ୍ପ କରି ତାହାକୁ ଆଚରଣରେ ପ୍ରଦର୍ଶନ କରିବା। ନୂଆବର୍ଷ କଥା ଉଠିଲା ବେଳକୁ ଅନେକ ପ୍ରସଙ୍ଗ ମନ ଭିତରକୁ ଆସୁଛି। ଘରର କ୍ୟାଲେଣ୍ଡର ବଦଳେ, ଡାଏରୀ ଲେଖୁଥିବା ଲୋକ ନୂଆ ଡାଏରୀ କିଣେ ବା କାହାଠାରୁ ପାଏ, ମିଠା ଦିଆନିଆ ହୁଏ, ଫୁଲ ତୋଡ଼ା ବା ଉପହାରଠାରୁ କିନ୍ତୁ ବିଗତ ରାତି ବାରଟା ପରେ ଶୁଭେଚ୍ଛା ଦିଆନିଆ ହୁଏ କିନ୍ତୁ ସତ କଥା ହେଉଛି ବର୍ଷ ବଦଳିବା ପରି, କ୍ୟାଲେଣ୍ଡର ବଦଳିବା ପରି ଆମ୍ଭମାନଙ୍କ ପ୍ରକୃତି କିନ୍ତୁ ସତରେ ବଦଳେ କି? ଆଉ କେହି କେହି ଯଦି ଭାରି ଜୋଶରେ ଦିନାକାତି କିଛି ନୂଆ କରିବା ଭାବି ମାଡ଼ ଯାଆନ୍ତି କିନ୍ତୁ ତାଙ୍କର ବଦଳିବାର ଅବଧି କେତେ ଦିନ ପର୍ଯ୍ୟନ୍ତ ଯାଇଥାଏ। କଥାରେ ଅଛି 'ମନ ଜାଣେ ପାପ-ମାଆ ଜାଣେ ବାପ'। ତେଣୁ ଆମ୍ଭମାନଙ୍କର ଖରାପ ଗୁଣ କ'ଣ କେଉଁଟା ବର୍ଜନୀୟ ତାହାକୁ ବିଚାର କରି ଛାଡ଼ିବା ବା ଗ୍ରହଣ କରିବା ଆମ ବିବେକର କାର୍ଯ୍ୟ। ସେଇଥିପାଇଁ ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିରେ ଶ୍ରେଷ୍ଠ ପ୍ରାଣୀ। ପୃଥିବୀଟି ପଦାର୍ପଣ କରିବାକୁ କରିଛି ନୂଆ ବର୍ଷର ନୂଆ ଭାବନାରେ। ଆଜିକାଲିକା ସମୟରେ ଲୋକଚରିତ୍ର ଦିନକୁ ଦିନ ଅଦ୍ଭୁତ ଭାବେ ବଦଳିଯାଉଛି। ଗତକାଲି ଚିହ୍ନି ଥିବା ଲୋକ ଆଜି ଚିହ୍ନିପାରୁନି। ଅଥଚ ଅଚିହ୍ନା ଲୋକ ଦେବଦୂତ ପରି ବନ୍ଧୁ ସାଜୁଛନ୍ତି। ଓଡ଼ିଆ ନୂଆବର୍ଷ ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିରେ ଅନୁଷ୍ଠିତ ହେଉଥିଲେ ବି ଇଂରାଜୀ ନୂଆବର୍ଷକୁ ନେଇ ଚାରିଆଡ଼େ ନୂଆବର୍ଷର ଆନନ୍ଦ।

ତେବେ ଓଡ଼ିଆ ନୂଆ ବର୍ଷ ବିଷୁବ ସଂକ୍ରାନ୍ତୀ ବା ପଣା ସଂକ୍ରାନ୍ତୀରେ ପଡ଼ିଥାଏ। ୧୯୩୬ ସାଲରେ ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓଡ଼ିଶା ଗଠିତ ହେଲା। ନୂଆବର୍ଷଟି ଆମେ କାହିଁକି ପାଳନ କରିଥାଉ ? ବାସ୍ତବିକ ନୂଆବର୍ଷ ପାଳନର ମୁଖ୍ୟ ଲକ୍ଷ୍ୟ ହେବାକଥା ପୁରୁଣା ବର୍ଷର ଦୁଃଖ ଓ ଲୁହକୁ ପଛରେ ପକାଇ ସ୍ୱପ୍ନ ଦେଖିବା, ଯୋଜନା କରିବା ଏକ ନୂଆ ସମ୍ଭାବନା ପାଇଁ। ଯଦି ଆମେମାନେ ଏହାକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ ନକରିବା ତେବେ ମନେ ହେବ ଯେପରି ନୂଆବର୍ଷ ମାତ୍ର ଗୋଟିଏ ଦିନ ପାଇଁ ହିଁ ଆସିଥିଲା। ତେବେ ଯାହାହେଉନା କାହିଁକି ବେପାର ବଣିଜର ପସରା ଭିତରେ କେକ୍ କଟା, ମେସଜ୍ ଦିଆନିଆ, ଫାର୍ମ ହାଉସରେ ବିଳମ୍ବିତ ପାର୍ଟି ଆଉ ସକାଳୁ ମନ୍ଦିର ଦେବାଳୟରେ ଭିଡ଼ ଜମାଇଲେ ସତରେ କ'ଣ ନୂଆବର୍ଷର ଯଥାର୍ଥତା ରହିଥାଏ। ଦେଖାଯାଉଛି ଦିନକୁ ଦିନ ମଣିଷର ପ୍ରକୃତି ବଦଳୁ ନାହିଁ। ଦିନ କିନ୍ତୁ ବଦଳି ଯାଉଛି। ଲୋକଚରିତ୍ର ସମ୍ପ୍ରତି ଘୋର ଅବକ୍ଷୟର ସୁଅରେ। ସରକାରୀ ମାଲ ଦରିଆ ମେ ଡାଲ। ଏ ଧାଡ଼ିର ମର୍ମ ବୁଝାଉଛି। ଚାରିଆଡ଼ ଆଖି ପକାଇ ଦେଖୁଛେ କେଉଁଠି ସରକାରୀ, ଗୋଚର, ଅନାବାଦି ବା କୌଣସି ନିରାଶ୍ରୟ ଲୋକର ଜାଗାଟି ପଡ଼ିଛି ତାକୁ ମଠ ମନ୍ଦିର ନାମରେ ହେଉ ବା ଯେ କୌଣସି ବାଟରେ ହେଉ ଯଦି ଆମେ କବ୍‌ଜା କରିପାରିଲେ ତାହେଲେ କଚେପୁଅ ବାର। ସରକାର ଜାଗାକୁ ଜବରଦଖଲ କରି ସମାଜପତିଙ୍କ ପ୍ରିୟପାତ୍ର ହୋଇପାରିଲେ ଜାଗାଟି ଆଉ କେହି ଦଖଲ କରିବା ପାଇଁ ସାହାସ ବି କରିବେ ନାହିଁ। ଆଉ ସରକାର ଯଦି ଜବରଦଖଲ ହଟାଇବା ପାଇଁ ଆଇନର ସାହାଯ୍ୟ ନିଅନ୍ତି ତେବେ ତା'କୁ ହଟାଇବା ପାଇଁ ବି ବୁଦ୍ଧିବାଟର ତରିକା ଆମ୍ଭମାନଙ୍କୁ ବେଶ୍ ଜଣା। ଘରପାଖରେ ନୂଆ ପଡ଼ୋଶୀଟିଏ ମୁଣ୍ଡ ଗୁଞ୍ଜିବାକୁ ପହଞ୍ଚୁଛନ୍ତି। ଆମର କିନ୍ତୁ ସେଥିପାଇଁ ସାହାଯ୍ୟ ତ ଦୂରର କଥା ଏପରି ଫୋପଡା ବ୍ୟବହାର ଦବା ପାଇଁ ପଛଉ ନାହିଁ ଯେ ନୂଆଲୋକଟି କ'ଣ ଯେ ଭାବୁଥିବ ତାହାପାଇଁ କ'ଣ ଚିନ୍ତା ରହୁଛି? ପ୍ରତିବର୍ଷ ଏହି ନୂଆବର୍ଷଟି ଆସୁଛି। ଫୁଲବାଲା ଠାରୁ ଡାଏରୀ ବାଲା, ଫୋନ୍ କାର୍ଡ଼ ବାଲାଙ୍କ ଠାରୁ ମାଛ, ମାଂସବାଲା, ମଦ ଦୋକାନୀ ଠାରୁ ବକ୍ସିସ୍ ନେଲାବାଲା ସମସ୍ତେ ଲାଭବାନ ହୋଇଥାନ୍ତି। ହେଲେ ଆମ୍ଭମାନଙ୍କ ହାତରେ ଯେ କୋଟି କୋଟିର ଅମୂଲ୍ୟ ସମ୍ପଦ ଲାଭ ରହିଛି ତାହାକୁ ଆମେ ସମସ୍ତେ ଭୁଲି ଯାଉଛେ। ଆମ୍ଭେମାନେ କେଭେ ଚିନ୍ତା କରିଛେ ଯେ, ଆମ ଘରେ ଜୀବନ୍ତ ଭଗବାନ ରହିଛନ୍ତି ସେ ହେଉଛନ୍ତି ଆମର ପିତାମାତା। ଆଉ ଲକ୍ଷ୍ମୀତ ସ୍ୱୟଂ ସେଠାରେ ବିରାଜମାନ। କେବେ ଖୁସି ଓ ଆନନ୍ଦ ପାଇବା ପାଇଁ ଆଧାତ୍ମିକ ଚେତନାକୁ ନିଜ ଭିତରେ ଜାଗ୍ରତ କରିବା ପାଇଁ ଚେଷ୍ଟା କରୁନାହୁଁ। ସଦାସର୍ବଦା ପରନିନ୍ଦା, କାହାକୁ ଅସୁବିଧାରେ ପକାଇବାରେ ଚିନ୍ତନ, କୁଭାବନା, ପରଶ୍ରୀକାତରତା ପରି ବଦ୍‌ଭ୍ୟାସକୁ ଦୂରେଇ ରଖୁନାହୁଁ। ବାସ୍ତବିକ ଶାନ୍ତି କ'ଣ ଆମେ ମାନେ ପାଇ ପାରିବା। ତା'ହେଲେ ନୂଆ ବର୍ଷ କ'ଣ ପାଇଁ? ଓ କେଉଁ ମାନଙ୍କ ପାଇଁ? ବାସ୍ତବିକ ନୂଆବର୍ଷାର ଭେଳିକି ନାମରେ ଆମେ ନିଜକୁ ସିନା ଠକୁଛେ, କିନ୍ତୁ କେବେ ଭାବନା ରାଜ୍ୟକୁ ବିବେକକୁ ସତରେ କ'ଣ ପ୍ରଶ୍ନ କରିପାରିବା ବାସ୍ତବିକ ଆମ୍ଭେମାନେ ନୂଆ ବର୍ଷ ସହ ନୂଆ ଚେତନା, ନୂଆ ଭାବନା ନେଇ ନିଜକୁ ନୂଆ ରୂପରେ ସଂସ୍କାରିତ କରିବା ପାଇଁ ଦିବ୍ୟପଥର ଅନୁଗାମୀ ହେବାପାଇଁ ବ୍ରତୀ ରଖିବା ତ'! ସତରେ ମାନବ ଜାତି ଶ୍ରଦ୍ଧାସମ୍ପନ୍ନ, ସଦ୍‌ଗୁଣର ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ହୃଦୟଙ୍ଗମ କରି ଜୀବନଯାପନ କରିବା ଏକାନ୍ତ ପ୍ରୟୋଜନ।

**ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ: ୯୭୭୮୬୩୫୯୨୬**

## ପିସିଆଇ ସଦସ୍ୟ ପ୍ରଭାତ ଦାସଙ୍କ ବିୟୋଗରେ ଶୋକ

ବ୍ରହ୍ମପୁର (ପିଏନ୍) : ଓଡ଼ିଶା ସାମ୍ବାଦିକ ସଂଘ ସଭାପତି ତଥା ରାଜ୍ୟର ଜଣେ ବରିଷ୍ଠ ସାମ୍ବାଦିକ ପ୍ରେସ କାଉନସିଲ ମେମ୍ବର ପ୍ରଭାତ ଦାଶଙ୍କ ଅକାଳ ବିୟୋଗରେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ପକ୍ଷରୁ ନବୀନ ଭବନ ପରିସରରେ ସଭାପତି ରବି ରଥଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ରଥ ଦିବଂଗତ ଦାସଙ୍କ ସମ୍ପର୍କରେ ଆଲୋଚନା କରି ସେ ଜଣେ ଦକ୍ଷ ସାଲିସବିହୀନ ସଂଗଠକ ଭାବେ ରାଜ୍ୟରେ ଏକ ନୂତନ ସାମ୍ବାଦିକ ସଂଘ ଗଠନ କରିପାରିଥିଲେ ଏବଂ ପ୍ରେସ କାଉନସିଲର ସଦସ୍ୟ ଭାବେ ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ସୁରକ୍ଷା ପାଇଁ ବହୁ ଉଦ୍ୟମ କରିଥିଲେ ବୋଲି ପ୍ରକାଶ କରିଥିଲେ। ତାଙ୍କ ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା। ରାଜ୍ୟ ଜଣେ ଅଗ୍ରଣୀ ସାମ୍ବାଦିକଙ୍କୁ ହରାଇଲା ବୋଲି ବୈଠକରେ ଉପସ୍ଥିତ ବିବିଧ ସମ୍ବାଦର ସମ୍ପାଦକ ଗୌରାଙ୍ଗ ଚୌଧୁରୀ, ବିପ୍ଳବୀ ପରିକ୍ରମାର ସମ୍ପାଦକ ସରୋଜରଞ୍ଜନ ପଟ୍ଟନାୟକ, ବିଜୟକେତନର ସମ୍ପାଦକ ନୃସିଂହ ପ୍ରସାଦ ପାଢ଼ୀ, ସୂର୍ଯ୍ୟାଲୋକର ସମ୍ପାଦକ ମୀନକେତନ ଜେନା, ସୁଶାନ୍ତ କର, କପିଳ ଚନ୍ଦ୍ର ମହାନ୍ତି, ପବିତ୍ର ଚୌଧୁରୀ, ଆଡଭୋକେଟ ପ୍ରଣବ ପାଢ଼ୀ, ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ କହିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଦିଲ୍ଲୀରେ ଓଡ଼ିଆ ଶିଳ୍ପୀଙ୍କ ଚିତ୍ର ପ୍ରଦର୍ଶନୀ 'ଭୋଏଜ୍'



ଭୁବନେଶ୍ୱର (ପିଏନ୍): ନୂଆଦିଲ୍ଲୀଠାରେ ରାଷ୍ଟ୍ରୀୟ ଲଳିତକଳା ଏକାଡ଼େମୀର ପ୍ରଦର୍ଶନୀ କକ୍ଷରେ ୭ଜଣ ଓଡ଼ିଆ ଯୁବ ଚିତ୍ରଶିଳ୍ପୀଙ୍କ ଏକ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ 'ଭୋଏଜ୍' ୨୯ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରଦର୍ଶନୀକୁ ଲଳିତକଳା ଏକାଡ଼େମୀର ଭାରପ୍ରାପ୍ତ ସଚିବ ରାମକୃଷ୍ଣ ବେଦାଲା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଭିନ୍ନ ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ ଛବିଗୁଡ଼ିକର ପ୍ରଶଂସା କରିବା ସହ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଦର୍ଶନୀରେ ଓଡ଼ିଆ ଯୁବଶିଳ୍ପୀ ଅଶୋକ ମହାକୁର, ହୃଦୟାନନ୍ଦ ପଟ୍ଟନାୟକ, ରଜନୀକାନ୍ତ ସାହୁ, ପ୍ରଦୀପ କୁମାର ସାହୁ, ଜୟଶ୍ରୀ ଜେନା, ସତ୍ୟରଞ୍ଜନ ସାହୁ ଓ ରଶ୍ମିରଞ୍ଜନ ରାଉତଙ୍କ ବିଭିନ୍ନ ଶୈଳୀ, ଆକାର ଓ ଅଙ୍ଗବିନ୍ୟାସ ଉପରେ ଚିତ୍ର ପର୍ଯ୍ୟବେସିତ ହୋଇଥିଲା ଯାହା ତାଙ୍କର ସୃଜନାତ୍ମକ ସୌନ୍ଦର୍ଯ୍ୟବୋଧର ପରିଭାଷାକୁ ପରିପ୍ରକାଶ କରିଅଛି। ପ୍ରଦର୍ଶିତ ସମସ୍ତ ଛବିର ପୃଷ୍ଠଭୂମି ବିଭିନ୍ନ ସାମାଜିକ ପ୍ରସଙ୍ଗ ସହିତ ବ୍ୟକ୍ତିଗତ ଅଭିରୁଚି ଉପରେ ଆଧାରିତ ଯାହା ମାନବୀୟ ସତ୍ତାର ବୌଦ୍ଧିକ, ଆଧାତ୍ମିକ ଓ ରାଜନୈତିକ ବିଚାରଧାରା ଦ୍ୱାରା ପ୍ରଭାବିତ। ଉକ୍ତ ପ୍ରଦର୍ଶନୀଟି ଦିଲ୍ଲୀର ବହୁ ବରିଷ୍ଠ ଚିତ୍ରକର, ଦିଲ୍ଲୀରେ ଥିବା ଓଡ଼ିଆ ଚିତ୍ରକର ଏବଂ କଳାନୁରାଗୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

## ଗାନ୍ଧିବାଦୀ ନେତା ଗୋବିନ୍ଦ ମିଶ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଦାବି

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପ୍ରଥମ ଗାନ୍ଧିବାଦୀ ନେତା ତଥା ମହାନ୍ ସ୍ୱାଧୀନତା ସଂଗ୍ରାମୀ, ପ୍ରାବନ୍ଧିକ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କର ୧୩୨ତମ ଜନ୍ମଜୟନ୍ତୀ ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ମହାତ୍ମା ଗାନ୍ଧୀ ଅହିଂସା ସ୍ଥଳଠାରେ ପାଳିତ ହୋଇଯାଇଛି। ନ୍ୟାସନାଲ ହ୍ୟୁମାନ ୱେଲ୍‌ଫେୟାର ବୋର୍ଡ଼ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ପ୍ରଥମେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ସଫା କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସ୍ମୃତିସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଶାରଦା ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଚିନ୍ତାଧାରା ଓ ଆଦର୍ଶକୁ ଅନୁଶୀଳନ କରିବାରେ ଶ୍ରୀ ମିଶ୍ରଙ୍କର ଅତୁଳନୀୟ ଭୂମିକା ଥିଲା ବୋଲି କହିଥିଲେ। ଓଡ଼ିଶାର ପ୍ରଥମ ଗାନ୍ଧିବାଦୀ ନେତା ତଥା ମହାନ୍ ପ୍ରାବନ୍ଧିକ ଭାବେ ଗୋବିନ୍ଦ ମିଶ୍ରଙ୍କର ଜାତୀୟସ୍ତରରେ ଅନେକ ସୁଖ୍ୟାତି ରହିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀ ମିଶ୍ରଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ କୌଣସି ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ମତପୋଷଣ କରିଥିଲେ। ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା ଏବଂ ଯୁବ ସମାଜସେବୀ ଶିବରାମ ମହାପାତ୍ର ଏହି ଅବସରରେ ଶ୍ରୀ ମିଶ୍ରଙ୍କର ଆଗାମୀ ଦିନରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହି ଦାବିକୁ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପାଖରେ ପହଞ୍ଚାଇବା ପାଇଁ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଶତପଥୀ ଘୋଷଣା କରିଥିଲେ। ଏହି ଅବସରରେ ନ୍ୟାସନାଲ ହ୍ୟୁମାନ ୱେଲଫେୟାର ବୋର୍ଡ଼ ଟ୍ରଷ୍ଟ ପକ୍ଷରୁ ପୂଜ୍ୟପୂଜା ପାଇଁ ସମାଜସେବୀ ନିରଞ୍ଜନ ସାହୁ, ବିଶ୍ୱଜିତ ରଣା, ଶିକ୍ଷାବିତ୍ ଡ. ରଜନୀକାନ୍ତ ତରାଇ, କଳାକାର ଶେଖ୍ ଗୁଲଜାର ହୁସେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର କର୍ମକର୍ତ୍ତା ତଥା ବହୁ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଗୋବିନ୍ଦ ମିଶ୍ରଙ୍କ ଉଦ୍ଦେଶ୍ୟରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ସଂଗ୍ରାମ ବଳିଆରସିଂ, ବି. ମୁରଲୀଧର, ଜ୍ୟୋତିରଞ୍ଜନ ସାହୁ, ସଦାଶିବ ନାୟକ, ସତ୍ୟପ୍ରିୟ କର, ସୁଧାଂଶୁଶେଖର ସାହୁ, ବିଜୟ ପ୍ରଧାନ, ପ୍ରସନ୍ନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## 'ପାଇକ ସର୍ଦ୍ଦାରମାନଙ୍କ ବନ୍ଧୁମିଳନ'



ଭୁବନେଶ୍ୱର (ପିଏନ୍): ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ପାଇକ ଆଖଡ଼ାର ପାଇକ ସର୍ଦ୍ଦାରମାନଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଗଡ଼ମାଣିତ୍ରୀର ରାମଚଣ୍ଡୀ ପୀଠରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବ ଖୋର୍ଦ୍ଧାଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ଯୋଗଦାନ କରିଥିଲେ। ପ୍ରଥମେ ମା' ରାମଚଣ୍ଡୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ପାଇକ ସର୍ଦ୍ଦାରମାନଙ୍କ ଦ୍ୱାରା ତରବାରୀ ଚାଳନା ଓ ସମରକଳା ବା ପାଇକ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀ ବିଭିନ୍ନ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଆତ୍ମରକ୍ଷା, ଆକ୍ରମଣ, ପ୍ରତିଆକ୍ରମଣ, ବ୍ୟୁହ ରଚନା ଉପରେ ସମରକ୍ରୀଡ଼ା ପ୍ରଦର୍ଶନ କରିଥିଲେ। ପାଇକ ବିଶାରଦ କେଦାର ଦାସ ଖଣ୍ଡାରେ ଆକ୍ରମଣ, ଢାଲରେ ପ୍ରତିରକ୍ଷା, ଶିରିପା, ଭରଷା, ଧାରେଣୀ, ବେଢା, ଘେରା, ଆକ୍ରମଣ ଓ ପ୍ରତିଆକ୍ରମଣ ଉପରେ ତରବାରୀ ପ୍ରଦର୍ଶନ କରିଥିଲେ। ଦଳବେହେରା ମନୋରଞ୍ଜନ ପଶ୍ଚିମକବାଟ ଏକାସାଥୀରେ ଚାରୋଟି ତଲବାରୀ ଚାଳନା କରିଥିଲେ। ପାଇକ ସର୍ଦ୍ଦାରମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ଶୈଳୀରେ ସମରକଳା ପ୍ରଦର୍ଶନ ଉପରେ ଆଲୋକପାତ କରାଯାଇଥିଲା। ବର୍ଷିୟାନ ଗୁରୁ ଭାସ୍କର ସୁନ୍ଦରାୟ ପ୍ରତ୍ୟେକ ଗ୍ରାମରେ ପାଇକ ଆଖଡ଼ା ଆରମ୍ଭ କରିବା ପାଇଁ ଉପଦେଶ ଦେଇଥିଲେ। ଏଥିରେ ରାଜ୍ୟ କୋଷାଧ୍ୟକ୍ଷ ବାଣପୁର ପାଇକ ସର୍ଦ୍ଦାର ରଞ୍ଜନ ବଳିୟାରସିଂହ, ବରିଷ୍ଠ ଉପଦେଷ୍ଟା ବିଭୂତିଭୂଷଣ ସ୍ୱାଇଁ, ଜିଲ୍ଲା ସମ୍ପାଦକ ବିଜୟ ବେହେରା, ଚିଲିକା ବାଣପୁର ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ତଥା ଜିଲ୍ଲାର ସମସ୍ତ ପାଇକ ସର୍ଦ୍ଦାର ଯୋଗଦାନ କରିଥିଲେ ଏବଂ ଶେଷରେ ଭୋଜିଭାତ ଆସରରେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ବର୍ଷକୁ ସ୍ୱାଗତ କରିବା ଅବସରରେ ପରସ୍ପରକୁ ସାମରିକ ଅଭିନନ୍ଦନ ଜ୍ଞାପନ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେନ୍ଦୁଝର ସଦର ମହକୁମାରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ




କେନ୍ଦୁଝର(ପିଏନ) : କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଗୁରୁବାର ଦିନ ବିଜୁ ଜନତା ଦଳର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସକାଳେ କେନ୍ଦୁଝର ଟାଉନ ଥାନା ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିଶାଳ ପ୍ରତିମୂର୍ତ୍ତିରେ ଦଳର ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରିବା ସହ ସହର ପରିକ୍ରମା କରିଥିଲେ । ଏହାପରେ କରଞ୍ଜିଆ ବସଷ୍ଟାଣ୍ଡ ନିକଟସ୍ଥ ପୁରାତନ ବିଜେଡି କାର୍ଯ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ବିଜେଡି ସଂପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ସଭାପତି ଦେବ ସାହୁଙ୍କ ଅକାଳ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଏହି ସଭାରେ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର ସଭାପତିତ୍ୱ କରିଥିବାବେଳେ କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ସରକାରରେ ମହିଳାମାନଙ୍କୁ ସମ୍ମାନ ଓ ଗାଁକୁ କାମ ମିଳୁଥିବା କଥା ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବରେ କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ବକ୍ତବ୍ୟ ପ୍ରସଙ୍ଗରେ ମହିଳାମାନଙ୍କୁ ସମ୍ମାନ ଦେବାରେ ସମଗ୍ର ଦେଶରେ ବିଜୁ ଜନତା ଦଳ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ । ବିଜେଡି ରାଜ୍ୟ ସଂପାଦକ ଆଶିଷ ଚକ୍ରବର୍ତ୍ତୀ ନିଜ ବକ୍ତବ୍ୟରେ କେନ୍ଦୁଝର ଜିଲ୍ଲାରେ ବହୁ ବାଧାବିଘ୍ନ ସତ୍ୱେ ବିଜେଡି ସଂଗଠନ ଏକ ନମ୍ବର ହୋଇ ରହିଛି ବୋଲି କହିବା ସହିତ ଆଜିର ଦିବସ ସଂକଳ୍ପ ଦିବସରେ ପରିଣତ ହେଉ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ଯୁବ ବିଜେଡି ସଭାପତି ସୌମ୍ୟଶଙ୍କର ଚକ୍ର ନିଜ ବକ୍ତବ୍ୟରେ ଦଳର ଯୁବ, ଛାତ୍ର, ମହିଳା, ପୁରୁଖା ଓ ନିଷ୍ଠାପର କର୍ମୀମାନେ ଏକତ୍ରିତ ହୋଇ ସାଂଗଠନିକ କାର୍ଯ୍ୟକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ । କୃଷକମାନଙ୍କର ଅର୍ଥନୈତିକ ବିକାଶ ଏହି ସରକାରରେ ସମ୍ଭବ ହୋଇପାରିଛି ବୋଲି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି ପ୍ରକାଶ କରିଥିଲେ । ଏହି ପ୍ରତିଷ୍ଠା ଦିବସରେ ଜିଲ୍ଲା ଛାତ୍ର ବିଜେଡି ସଭାପତି ଆଶିଷ ଆଚାର୍ଯ୍ୟ, ବାଂଶପାଳ ବ୍ଲକର ଯୁବ ବିଜେଡି ନେତା ତଥା ଜିଲ୍ଲା ସଂପାଦକ ଅଞ୍ଜନ କୁମାର ବେଜ, ପୂର୍ବତନ ରାଜ୍ୟସଭା ସଦସ୍ୟ ରାହାସବିହାରୀ ବାରିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ରାମରାୟ ମୁନ୍ଦୁୟା, ପୂର୍ବତନ ନଗରପାଳ ମୀନା ମାଝୀ, ଅନୁସୂଚିତ ଜାତି ସେଲର ଅଧ୍ୟକ୍ଷ ଭରତ ଚନ୍ଦ୍ର ପାତ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ରୀନା ବାରିକ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଜଗନ୍ନାଥ ସିଂ, ଚକ୍ରଧର ପରିଡା, ତାହିର ହୋସେନ, ହରମୋହନ ସୋରେନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ପ୍ରତିଷ୍ଠା ଦିବସର ବାର୍ତ୍ତା ଓ କର୍ମୀମାନଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ ।

# ୨୬ତମ ବାର୍ଷିକ ଶିଶୁ ମହୋତ୍ସବ ଉଦ୍‌ଯାପିତ



ଚଣ୍ଡିଖୋଲ ୨୭/୧୨(ପିଏନ)- ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣୀ ଶିଶୁମେଳା ସମିତି, ବଡ଼ଚଣା ଆନୁକୂଲ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚଣ୍ଡିଖୋଲ ନୂଆ ସୁଙ୍ଗୁଡ଼ା ପରିସରରେ ଏକ ମନୋଜ୍ଞ ପରିବେଶରେ ୨ଦିନ ବ୍ୟାପି ଜିଲ୍ଲାସ୍ତରୀୟ ୨୬ତମ ଶିଶୁ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମେଳା ସମିତି ଅଧକ୍ଷ ଅଭିମନ୍ୟୁ ଧଳଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହାର ଉଦଘାଟନୀ ଉତ୍ସବରେ ଧର୍ମଶାଳାର ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ରବିଲାବଣ୍ୟ ଉଦଘାଟକ ଭାବେ ଯୋଗଦାନ କରିଥିବା ସ୍ଥଳେ ଡଃ ରବୀନ୍ଦ୍ର ନାରାୟଣ ବେହେରା (ବୈଜ୍ଞାନିକ) ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗାଚାର୍ଯ୍ୟ ଅନାମ ମୁନି, ସମ୍ମାନୀତ ଅତିଥି ଭାବେ ଦର୍ପଣ ତହସିଲଦାର ଶ୍ରୀଯୁକ୍ତ ବରେଣ୍ୟେନ୍ଦୁ ମହାନ୍ତି, ପ୍ରଧ୍ୟାପକ ସତ୍ୟବ୍ରତ ପୃଷ୍ଟି (ଅଧକ୍ଷ ବି.ଏସ. କଲେଜ, ନୂଆହାଟ), ଡଃ, ମାନସ ରଂଜନ ସାମଲ (ବୈଜ୍ଞାନିକ) ପ୍ରମୁଖ ଯୋଗ ଦାନ କରି ଶିଶୁ ମାନେ ଆମ ଦେଶ ଓ ଜାତିର ଅମୂଲ୍ୟ ସଂପଦ । ତେଣୁ ସେମାନଙ୍କ ସୁରକ୍ଷା ଆମ୍ଭମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ । ଶିଶୁ ବେଳା ମହତ ଉଦ୍ଦେଶ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଜ୍ୟୋସ୍ନା ସାହୁ ସ୍ୱାଗତ ଭାଷଣ, ଅଧ୍ୟାପକ ଚନ୍ଦନ ପ୍ରଧାନ ବାର୍ଷିକ ବିବରଣୀ ପଠନ, ପ୍ରକାଶ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ନେତା ଧିରେନ୍ଦ୍ର ପରିଡ଼ା, ଯଚୀନ୍ଦ୍ର ଦାଶ, ଦିନବଂନ୍ଧୁ ନାୟକ, ବିପିନ ବିହାରୀ ସ୍ୱାଇଁ, ଲକ୍ଷ୍ମୀ ଖମାରୀ, ଗୋଲକ ପରିଡ଼ା, ଯୁଧିଷ୍ଟିର ପରିଡ଼ା ପ୍ରମୁଖ ପ୍ରତିଯୋଗିତାର ବିଚାରକ ଭାବେ ଯୋଗ ଦାନ କରିଥିଲେ ।ଏହାର ପୁରସ୍କାର ବିତରଣୀ ଉତ୍ସବରେ ପ୍ରାକ୍ତନ ମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଉଦଘାଟକ ଭାବେ ଯୋଗଦାନ କରିଥିବା ସ୍ଥଳେ ରାଜ୍ୟ ସରକାରଙ୍କ ସଦାଚାର କମିଟି ଅଧକ୍ଷ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ମୁଖ୍ୟ ଅତିଥି, ଡଃ ପ୍ରଭାସ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ପବିତ୍ର ମାହାଲା, ଡଃ କୁମରବର ନାୟକ ପ୍ରମୁଖ ଯୋଗଦାନ କରି ଶିଶୁ ମେଳା ସମିତିର ପ୍ରତିଭା ଅନ୍ୱେଷଣ ଅଭିଯାନ ନିଶ୍ଚିତ ଭାବେ ଅଭିନନ୍ଦନୀୟ ବୋଲି ମତ ପ୍ରକାଶ କରିଥିଲେ । ଶିଶୁ ପତ୍ରିକା 'ଶିଶୁ ସୌରଭ' ଉନ୍ମୋଚିତ ହୋଇଥିଲା । ସୁଶ୍ରୀ ପ୍ରିସିତା ଓ ଅର୍ଚ୍ଚନା ଚାମ୍ପିୟାନ ହୋଇଥିଲେ । ଉତ୍ସବ ପରିଚାଳନାରେ ରଂଜନ କୁମାର ବାରିକ, ସମସ୍ତ ଗୁରୁଜୀ ଓ ଗୁରୁମା. ରମାକାନ୍ତ ପଣ୍ଡା, ଅମ୍ରିତ ନାୟକ, ପ୍ରସନ୍ନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ସୁରେନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରିଟ୍ ତରଫରୁ ବାଲେଶ୍ୱର ସହରର ଉନ୍ନୟନ ପାଇଁ ମାଷ୍ଟର ପ୍ଲାନ



ବାଲେଶ୍ୱର(ପିଏନ)- ଆଗାମୀ ୨୫ ବର୍ଷକୁ ଆଖିରେ ରଖି ବାଲେଶ୍ୱର ସହରର ଜନସଂଖ୍ୟା, ମୌଳିକ ଆବଶ୍ୟକତା, ରାସ୍ତାଘାଟ, ପାନୀୟ ଜଳ ଯୋଗାଣ, ଗୃହ ନିର୍ମାଣ ପ୍ରଭୃତିକୁ ନେଇ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗୁରଗାଓଁର ପ୍ଲାନ ପ୍ରସ୍ତୁତକାରୀ ସଂସ୍ଥା ମେସର୍ସ ଫିଡବ୍ୟାକ ଇନଫ୍ରା ପ୍ରାଇଭେଟ ଲିମିଟେଡର ବିଶେଷଜ୍ଞ ଶ୍ରୀ ସତ୍ୟଜିତ୍ ରାୟ ଗୁପ୍ତା ଓ ବିଜୟ କୁମାର ମହାନ୍ତି ଆଲୋକ ବିନ୍ଦୁ ମାଧ୍ୟମରେ ମାଷ୍ଟର ପ୍ଲାନର ରୂପରେଖ ଉପସ୍ଥାପନ କରିଥିଲେ । ଯୋଜନା ଅନୁଯାୟୀ ସହରର ପରିବର୍ଦ୍ଧିତ ରୂପରେଖରେ ଜନାକୀର୍ଣ୍ଣ ଅଂଚଳରେ ଅଧିକ ଅନ୍ତଃକରଣର ବିକାଶ ଓ ନିର୍ମାଣ ନ କରାଯାଇ ବର୍ତ୍ତମାନର ସହର ବାହାରେ ମନୋରଞ୍ଜନ ପାର୍କ, ସ୍ପୋର୍ଟସ କମ୍ପ୍ଲେକ୍ସ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା, ସ୍ୱିରେଜ ବ୍ୟବସ୍ଥା, ଜଳଯୋଗାଣ ପ୍ରକଳ୍ପ, ରିଙ୍ଗ ରୋଡ ଭଳି ଅନେକ ଅତ୍ୟାଧୁନିକ ବ୍ୟବସ୍ଥାର ନିର୍ମାଣ ତଥା ବିକାଶ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ଏରିଆଲ ସର୍ଭେ କରାଯାଇ ଖାଲି ସ୍ଥାନ, ଜଳ ଉତ୍ସ, ସରକାରୀ ଜାଗା, ପତିତ ଜମି ପ୍ରଭୃତି ଚିହ୍ନଟ କରାଯାଇ ଏହି ମାଷ୍ଟର ପ୍ଲାନର ପ୍ରସ୍ତୁତି କରାଯାଇଛି । ଏଥି ସହିତ ଯେଉଁ ସବୁ ଆବଶ୍ୟକ ଭିତିଭୂମି ନାହିଁ ସେସବୁ ଉପରେ ଅଧିକ ଦୃଷ୍ଟି ପ୍ରଦାନ କରାଯାଇଛି । ବିଶେଷ କରି କ୍ରମ ବର୍ଦ୍ଧିଷ୍ଣୁ ଯାନବାହାନ ଏବଂ ଟ୍ରାଫିକ ବ୍ୟବସ୍ଥାକୁ ସୁଚାରୁ କରାଯିବା ପାଇଁ ଏକ ସୁଦୂର ଉପଯୋଗୀ ରିଙ୍ଗ ରୋଡ ପ୍ରସ୍ତାବନାକୁ ଯୋଜନାରେ ସାମିଲ କରାଯାଇଛି । ଏହା ପୂର୍ବରେ ବୁଢାବଳଙ୍ଗ ନଦୀକୁ ଦୁଇଟି ସ୍ଥାନରେ ଅତିକ୍ରମ କରିବା ସହ ଜାତୀୟ ରାଜପଥକୁ ଦୁଇଟି ସ୍ଥାନରେ ଅତିକ୍ରମ କରିବା ଏହି ପ୍ଲାନରେ ସ୍ଥାନୀତ କରାଯାଇଛି । ଏହି ମାଷ୍ଟର ପ୍ଲାନରେ ବାଲେଶ୍ୱର ପୌରପାଳିକା ସମେତ ଆଖପାଖର ୨୦୫ ଖଣ୍ଡ ଗାଆଁ ଓ ଏହି ଯୋଜନା ପରିସରଭୁକ୍ତ ହୋଇଛି । ତେବେ ଏଥିନେଇ ସ୍ଥାନୀୟ ଅଂଚଳରେ ଲୋକଙ୍କ ଯଦି କିଛି ଆପତି ଅଭିଯୋଗ ଥାଏ ତାହା ହେଲେ ତା ଉପରେ ବିଚାର କରାଯିବା ନିମନ୍ତେ ସୁଯୋଗ ରହିଥିବା ଏଥିରେ ଦର୍ଶାଯାଇଥିଲା । ଏହା ଏକ ବ୍ୟାପକ ମାଷ୍ଟର ପ୍ଲାନ ଏବଂ ଏହାପରେ ଜୋନସ୍ତରୀୟ ସବପ୍ଲାନ ପ୍ରସ୍ତୁତ କରାଯାଇ ପ୍ରକୃତ କାର୍ଯ୍ୟକାରୀ ଯୋଗ୍ୟ ପ୍ରକଳ୍ପଗୁଡ଼ିକୁ ସାମିଲ କରାଯିବ ବୋଲି ସ୍ପଷ୍ଟ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଡି, ଡିଆରଡିଏ ଶ୍ରୀ ରାମଚନ୍ଦ୍ର ଜେନା, ତହସିଲଦାର, ପୌର ନିର୍ବାହୀ ଅଧିକାରୀ, ବ୍ରିଟ ସେକ୍ରେଟାରୀ ଶ୍ରୀ ନବୀନ ଚନ୍ଦ୍ର ସିଂ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ, ପର୍ଯ୍ୟଟନ ଅଧିକାରୀ ଶ୍ରୀ ଗଗନ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଶ୍ରୀ ଉମାକାନ୍ତ ଜେନା, ବିତ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସମେତ ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ବ୍ରିଟର ଅଧିକାରୀଗଣ ଯୋଗ ଦେଇଥିଲେ ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଶୀତ ବସ୍ତ୍ର ବଣ୍ଟନ



ଚଣ୍ଡିଖୋଲ ୨୭/୧୨(ପିଏନ)- ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ତରଫରୁ ପ୍ରତିବର୍ଷଭଳି ଏବର୍ଷ ବଡ଼ଚଣା ଓ ଧର୍ମଶାଳା ଅଞ୍ଚଳରେ ଥିବା ଅସହାୟ ବୃଦ୍ଧ ଓ ବୃଦ୍ଧା, ଦିବ୍ୟାଙ୍ଗ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଭୂଷଣ୍ଡପୁର ପଞ୍ଚାୟତର ରାଣୀବନ୍ଧ, ଖଣ୍ଡିଆବନ୍ଧ, ମହାଖଳା, ଭୁଷଣ୍ଡପୁର, ଦର୍ପଣ, କୋଲସାହୀ, ପାଟଣା, କଳାଶ୍ରୀ ଗୋପାଳପୁର, କବାଟବନ୍ଧ, ରାଇଛନ୍ଦା, ସିଦ୍ଧପାଳ, ଆଦି ଗ୍ରାମ ଗୁଡ଼ିକରେ ଅନୁଷ୍ଠାନ ତରଫରୁ ଶୀତବସ୍ତ୍ର କମ୍ବଳ, ଲୁଗା ଓ ଅର୍ଥରାଶି ଆଦି ବଣ୍ଟନ କରାଯାଇଛି । ଅନୁଷ୍ଠାନର ଉପଦେଷ୍ଟା କାହ୍ନୁଚରଣ ସାହୁ, ଚନ୍ଦନ କୁମାର ନାୟକ, ଅରକ୍ଷିତ ସାମଲ, ଅନନ୍ତ ପ୍ରସାଦ ମାହାଳା, ଗୁରୁଚରଣ ବାରିକ, ଉପସଭାପତି ପ୍ରକାଶ କୁମାର ନାୟକ, ଉଲାସ କୁମାର ସାହୁ, ପଣ୍ଡିତ ସନ୍ତୋଷ ପାଢୀ, ଦୁର୍ଯ୍ୟୋଧନ ବେହେରା, ସଂପାଦକ ଅନୀଲ କୁମାର ଦାସ ପ୍ରମୁଖ ଗାଁ ଗାଁ ବୁଲି ଅସହାୟ ଓ ଭିନ୍ନକ୍ଷମ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମ ପବିତ୍ର ବଡ଼ଦିନ ଠାରୁ ଆରମ୍ଭ ହୋଇ ଜାନୁୟାରୀ ୨୩ ନେତାଜୀ ଜୟନ୍ତି ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

# ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ




ବାଲେଶ୍ୱର(ପିଏନ)- ଜିଲ୍ଲା ଯୋଜନା କମିଟିର ବୈଠକ ଆଜି ପୂର୍ବାହ୍ନ ୯ଘଟିକା ସମୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ତଥା ମାନ୍ୟବର ଭୋଗରାଇ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ଦାସ ଏଥିରେ ଅଧ୍ୟକ୍ଷତା କରିବା ସହିତ ଜିଲ୍ଲାର ବିକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଜିଲ୍ଲାର ବିଭିନ୍ନ ଅଂଚଳରେ ଖର୍ଚ୍ଚ ପାଇଁ ୨୪ଟି ବିଭାଗ ପକ୍ଷରୁ ପ୍ରାୟ ୨୨୪୦କୋଟି ଟଙ୍କାର ଯୋଜନା ଅଟକଳ ପ୍ରସ୍ତୁତ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯିବା ସହିତ ଏ ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ମାନ୍ୟବର କେନ୍ଦ୍ର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ସମ୍ପଦ, ପ୍ରାଣୀଧନ ଓ ଦୁଗ୍ଧପ୍ରକ୍ରିୟାକରଣ ରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡା, ମାନ୍ୟବର ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସୁକାନ୍ତ କୁମାର ନାୟକ, ମାନ୍ୟବର ସୋର ବିଧାୟକ ଶ୍ରୀଯୁକ୍ତ ପର୍ଶୁରାମ ଧଡା, ମାନ୍ୟବର ଜଳେଶ୍ୱର ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ ପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିବେଦିତା ମହାନ୍ତି, ଜିଲ୍ଲା ଯୋଜନା ବୋର୍ଡ ଉପାଧ୍ୟକ୍ଷା ଶ୍ରୀମତୀ ସୁବାସିନୀ ବିଶ୍ୱାଳ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ମିତ କୁମାର ନାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରାମଚନ୍ଦ୍ର ଜେନା, ଭଦ୍ରକର ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଅଶ୍ୱିନୀ ମହାପାତ୍ରଙ୍କ ସମେତ ଜିଲ୍ଲା ପରିଷଦର ସଦସ୍ୟ-ସଦସ୍ୟା, ବିଭିନ୍ନ ବ୍ଲକର ବି.ଡି.ଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇ ବିଭିନ୍ନ କ୍ଷେତ୍ର ଲାଗି ପ୍ରସ୍ତୁତ ହୋଇଥିବା ଯୋଜନାର ଅଟକଳ ଏବଂ ବିଗତ ବର୍ଷମାନଙ୍କରେ ଖର୍ଚ୍ଚ ହୋଇଥିବା ଅନୁଦାନ ସମ୍ପର୍କରେ ଆଲୋଚନା କରିଥିଲେ । ନିଜ ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ମାନ୍ୟବର ବିଧାୟକମାନେ ବୈଠକରେ ପ୍ରସ୍ତାବ ରଖିଥିଲେ । ବିଶେଷ କରି କୃଷି କ୍ଷେତ୍ରରେ ହେଉଥିବା ବିଭିନ୍ନ ଯୋଜନାର ସୁଫଳ ଚାଷୀ ମାନଙ୍କ ନିକଟରେ ପହଂଚାଇବା, ସମଗ୍ର ଶିକ୍ଷା ଅଭିଯାନର କାର୍ଯ୍ୟକାରିତା, ସମବାୟ, ପଶୁପାଳନ, ମତ୍ସ୍ୟ ଚାଷ, ଗ୍ରାମୀଣ ଆବାସ ଯୋଜନାରେ ହିତାଧିକାରୀମାନଙ୍କୁ ଧାର୍ଯ୍ୟ ସମୟରେ ପ୍ରୋତ୍ସାହନ ରାଶି ପ୍ରଦାନ, ସାଂସଦ ଏବଂ ବିଧାୟକ ପାଣ୍ଠିର ସୁବିନିଯୋଗ, ଜିଲ୍ଲାରେ ଜାରି ରହିଥିବା ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଜଳସେଚନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ବିଦ୍ୟୁତକରଣ ଯୋଜନାର ସୁଫଳ ହିତାଧିକାରୀଙ୍କ ନିକଟରେ ପହଂଚାଇବା, ହସ୍ତତନ୍ତ ଏବଂ କ୍ଷୁଦ୍ର ଶିଳ୍ପର ବିକାଶ, ପାନୀୟ ଜଳ ଯୋଗାଣ, ସମାଜ ମଙ୍ଗଳ ବିଭାଗ ଦ୍ୱାରା ଯୋଜନା କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନିଆଯିବା ସହିତ ବିଭିନ୍ନ ପ୍ରତିବନ୍ଧକକୁ କିଭଳି ଦୂର କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପ, ସହର ବିକାଶ, ପରିମଳ, ମହିଳା ଏବଂ ଶିଶୁ ବିକାଶ, ସଂସ୍କୃତି, ଜଙ୍ଗଲ ସୁରକ୍ଷା ପ୍ରଭୃତି ବିଭାଗର ପ୍ରସ୍ତୁତ ଯୋଜନା ସମ୍ପର୍କରେ ସଦସ୍ୟମାନେ ଆଲୋଚନା କରିଥିଲେ । ଗୃହର ନିର୍ଦ୍ଦେଶ କ୍ରମେ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ଦ୍ୱାରା ଜିଲ୍ଲାରେ କରାଯିବାକୁ ଥିବା ପ୍ରକଳ୍ପ ତଥା କାର୍ଯ୍ୟକ୍ରମର ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରାମଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ୱ ମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ

# ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ସେବା ପହଁଚାଇବା ପାଇଁ ନିର୍ଦ୍ଦେଶ ଦେଲେ

କେନ୍ଦୁଝର,(ପିଏନ): ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାରେ ସରକାରୀ ଅଧିକାରୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ । ସରକାରୀ ଅଧିକାରୀମାନେ ଠିକ୍ ଭାବେ କାର୍ଯ୍ୟ କଲେ ସରକାରୀ ବ୍ୟବସ୍ଥା ସୁଦୃଢ ହୋଇପାରିବ । ଗରିବ ସାଧାରଣ ଲୋକଟିଏ କିଭଳି ଉପଯୁକ୍ତ ସେବା ଓ ନ୍ୟାୟ ପାଇପାରିବ ସେଥିପାଇଁ ସମସ୍ତ ଅଧିକାରୀ ତୃଣମୂଳ ସ୍ତରରୁ ପଦକ୍ଷେପ ନେବା ଜରୁରୀ । ରାଜ୍ୟସ୍ୱ ବିଭାଗର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ତହସିଲଦାର, ଆର୍.ଆଇ, ଅମୀନଙ୍କ କାର୍ଯ୍ୟ ଶୈଳୀକୁ ସକ୍ରିୟ କରିବା ସହ ସମସ୍ତଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କଲେ ସାଧାରଣ ଲୋକମାନେ ଉପଯୁକ୍ତ ନ୍ୟାୟ ଏବଂ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ବୋଲି ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ରାଜ୍ୟସ୍ୱ ବିଭାଗର ସମୀକ୍ଷା କରିବା ଅବସରରେ ମତବ୍ୟକ୍ତ କରିଛନ୍ତି । ପ୍ରଶାସନ ବ୍ୟବସ୍ଥାକୁ ଅଧିକ ଚଳଚଂଚଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ "୫-ଟି", "ମୋ ସରକାର", ଭଳି ମହତ୍ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ରାଜ୍ୟସ୍ୱ ମନ୍ତ୍ରୀ ଶ୍ରୀ ମାରାଣ୍ଡି ମତବ୍ୟକ୍ତ କରିବା ସହ ସାଧାରଣ ଲୋକମାନେ ଏହି ଯୋଜନା ଦ୍ୱାରା କିପରି ଭାବେ ସୁଫଳ ପାଇ ପାରିବେ ସେଥିନିମନ୍ତେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ରାଜ୍ୟସ୍ୱ ବିଭାଗ ସମୀକ୍ଷା ବୈଠକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ରାଜ୍ୟସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା "ଆମ ତହସିଲ ଆମ ଗାଁରେ", "ବସୁନ୍ଧରା", "ଜାଗା ମିଶନ୍", "ଜଙ୍ଗଲ ଅଧିକାର ଆଇନ"୍ ଭଳି କାର୍ଯ୍ୟକ୍ରମ ଏବଂ ଏଥିରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହାବାଦ୍ ଉପଯୁକ୍ତ ହିତାଧିକାରୀ ଚୟନ କରାଯାଇ ଜାଗା ଓ ପଟ୍ଟା ଯୋଗାଇ ଦିଆଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରଧାନ କହିଥିଲେ । ଏହାସହ ଜିଲ୍ଲାର ବିଭିନ୍ନ ସହରାଂଚଳରେ ସରକାରୀ ଜମିକୁ ଅସାଧୁ ବ୍ୟକ୍ତିମାନେ ଜବରଦଖଲ କରି ରଖିଥିବା ସଂକ୍ରାନ୍ତରେ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ତହସିଲ ଅଂଚଳରେ କେତେ ସରକାରୀ ଜମି ଅସାଧୁ ବ୍ୟକ୍ତିଙ୍କ ଜବରଦଖଲରେ ରହିଛି ସେ ସଂକ୍ରାନ୍ତରେ ସର୍ଭେ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟସ୍ୱ ମନ୍ତ୍ରୀ ଶ୍ରୀ ମାରାଣ୍ଡି ସମସ୍ତ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ନୂତନ ଭାବେ ନିର୍ମିତ ହେଉଥିବା ଜାତୀୟ ରାଜପଥ ଦ୍ୱାରା କ୍ଷତିଗ୍ରସ୍ତ ଲୋକମାନେ ସଠିକ୍ କ୍ଷତିପୂରଣ ପାଉଛନ୍ତି କି ନାହିଁ ସେ ସଂକ୍ରାନ୍ତରେ ରାଜ୍ୟସ୍ୱ ମନ୍ତ୍ରୀ ପଚାରି ବୁଝିଥିଲେ । ଏହାସହ କେନ୍ଦୁଝର ଜିଲ୍ଲାର ବହୁ ଉପାନ୍ତ ଅଂଚଳରେ ଯଥା, ପାହାଡ, ଜଙ୍ଗଲ ଅଂଚଳରେ ଜନଜାତିମାନେ ରହୁଛନ୍ତି । ସେମାନେ ଯେପରି ସମସ୍ତ ସରକାରୀ ସୁବିଧାରୁ ବଂଚିତ ନହେବେ ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ବାଲି, ପଥର ଭଳି ପ୍ରାକୃତିକ ସମ୍ପଦ ରହିଛି । ତାହାର ସୁବିନିଯୋଗ କରାଯିବା ଉପରେ ମନ୍ତ୍ରୀ ଶ୍ରୀ ମାରାଣ୍ଡି ଗୁରୁତ୍ୱାରୋପ କରିଥିଲେ । ବାଲି, ପଥର ଚୋରି ରୋକିବା ସମୟରେ ସବୁବେଳେ ଉପରିସ୍ଥ ଅଧିକାରୀ ଏବଂ ପୋଲିସ୍‌ର ସହାୟତା ନେବାକୁ ସେ ରାଜ୍ୟସ୍ୱ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହାସହ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରଧାନ ପଂଜିକରଣ, ଷ୍ଟାମ୍ପ ଡ୍ୟୁଟି, ଓଆର୍‌ଟିପିଏସ୍, ଓଏଲ୍‌ଆର୍, ସରକାରୀ ଜମିର ସୁରକ୍ଷା, ଗୋଷ୍ଠୀ ଅଧିକାର, ପଟ୍ଟା ବଂଟନ, ଗୋଷ୍ଠୀ ଜଙ୍ଗଲ ଅଧିକାର ସଂକ୍ରାନ୍ତରେ ବିସ୍ତୃତ ଭାବେ ରାଜ୍ୟସ୍ୱ ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଉକ୍ତ ସମୀକ୍ଷା ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଲୋକସଭା ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ, କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲା ପରିଷଦ ଅଧକ୍ଷା କମଳିନୀ ପାତ୍ରଙ୍କ ସମେତ ଡେପୁଟି କଲେକ୍ଟୋର ସୋନା ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ତହସିଲଦାର ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

କେନ୍ଦୁଝର,(ପିଏନ): ଓର୍‌ମାସ୍, କେନ୍ଦୁଝର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ତା୨୬/୧୨/୨୦୧୯ରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ ମେଳାରେ ମୋଟ ୧କୋଟି ୧୭ଲକ୍ଷଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି । ରାଜ୍ୟ ବାହାରୁ ୪୨ଟି ଷ୍ଟଲ୍ ଓ ୨୩ଟି ଜିଲ୍ଲାରୁ ଷ୍ଟଲ୍ ମେଳାରେ ସାମିଲ୍ ହୋଇଥିଲେ । ମେଳାରେ ପ୍ରତ୍ୟେକ ଦିନ ୫ରୁ ୧୦ ହଜାର ଲୋକଙ୍କ ସମାଗମ ହେଉଥିଲା । ଗତ ୨୫ ଓ ୨୬ ତାରିଖ ଦିନ ଦୁଇ ଦିନ ଧରି ପଲ୍ଲିଶ୍ରୀ ମେଳା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ମୁଖ୍ୟ ଆକର୍ଷଣ ହୋଇଥିଲା । ମେଳାରେ ପ୍ରତିକୂଳ ପାଗ ସତ୍ୱେ ଶେଷ ଦିନରେ ମେଳାରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା ।






# ହାଇକୋର୍ଟ ଆଦେଶ ପରେ ବି ଆର.ଟି.ଓ ମଧ୍ୟସ୍ଥିଙ୍କ ଉପରେ ଦାଉ ସାଧୁଚି ପୋଲିସ

ଚଣ୍ଡିଖୋଲ: ଆଂଚଳିକ ପରିବହନ କାର୍ଯ୍ୟାଳୟରୁ ମଧ୍ୟସ୍ଥି ହଟାଓ ଅଭିଯାନ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ କରି କେତେକ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଗିରଫମ ହୋଇଥିବା ବ୍ୟକ୍ତି ମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଅଳ୍ପ କେଇ ଘଂଟା ପରେ କୋର୍ଟ ମୁକ୍ତ କରିଥିଲା ବେଳେ ପୋଲିସର ଏଭଳି କାର୍ଯ୍ୟକୁ ନ୍ୟାୟଳୟ ପକ୍ଷରୁ ନାପସନ୍ଦ କରାଯାଇଛି। କୌଣସି ଅଭିଯୋଗ ନଥାଇ ଛକ ବଜାରରୁ ମଧ୍ୟସ୍ଥଙ୍କ ସହ ଆଇନଜୀବୀ ମାନଙ୍କୁ ଗିରଫ କରାଯାଉଥିବାରୁ ପୋଲିସର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ଘୋର ନିନ୍ଦା କରାଯାଇଥିଲା। ହାଇକୋର୍ଟର ଆଦେଶ ମୁତାବକ ଆର.ଟିଓ କାର୍ଯ୍ୟାଳୟରେ ମଧ୍ୟସ୍ଥି ମାନେ ପୁନ୍ନ କାର୍ଯ୍ୟ କରିବା ପାଇଁ ପିଟିସନର ଶୁଣାଣି ଶେଷ କରି ମଧ୍ୟସ୍ଥଙ୍କ ସପକ୍ଷରେ ରାୟ ଶୁଣାଇଥିଲେ। ରାଜ୍ୟର ଅନ୍ୟ ସମସ୍ତ ଆର.ଟି.କାର୍ଯ୍ୟାଳୟରି ମଧ୍ୟସ୍ଥ ମାନେ ସାଧାରଣ ଲୋକଙ୍କ କାମକୁ ପୁର୍ନାବର ଆରମ୍ଭ କରିଥିଲା ବେଳେ ଚଣ୍ଡିକୋଲରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗିରଫ ହୋଇଥିବା ମଧ୍ୟସ୍ଥ ପୋଲିସ ତାଲିକାରେ ଅନ୍ୟ ସମସ୍ତ ମଧ୍ୟସ୍ଥ ମାନେ କୋର୍ଟର ଦ୍ୱାରସ୍ଥ ହୋଇ ଯାମିନି ପଡାଇଥିଲା ବେଳେ ବଡଚଣା ଥାନା ପକ୍ଷରୁ ଜୈନିକ ଅଧିକାରୀ କେତେକ ମଧସ ଓ ଅନଲାଇନରେ ଲୋକଙ୍କୁ ସେବା ଯୋଗାଉ ଅସୁଥିବା କେତେକ ନିଦ୍ଦିଷ୍ଟ,ସଂସ୍ଥା ଉପରେ ରାଜନୈତିକ ଉଦ୍ଦେଶ୍ୟ ରଖି ପୋଲିସର ଲୋଲୁପ ଦୃଷ୍ଟି ନିକ୍ଷେପ କରୁଛୁ। ନିଦ୍ଦିଷ୍ଟ କେତେକ ଅନଲାଇନ ସେବା ସଂସ୍ଥା ଓ ଦଲାଲଙ୍କ ଉପରେ ପୋଲିସ କାହିଁକି ଏଭଳି ଦୃଷ୍ଟିଭଙ୍ଗୀ ଅପଣାଉଛି. ଏବଂ ଏହା କାହା ଇଙ୍ଗିତରେ କରାଯାଉଛି ତାହା ସାଧାରଣରେ ପ୍ରଶ୍ନାବାଚୀ ସୃଷ୍ଟି କରୁଛୁ। ଅପର ପକ୍ଷରେ ଜନୈକ ଯୁବକ ନିଜକୁ ଓକିଲର ପରିଚୟ ଦେଇ ଆର.ଟି.ଓ.କାର୍ଯ୍ୟାଳୟରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଚଉକିରେ ବସି ବହୁ ବେନାମି କାମ କରିଚାଲିଛନ୍ତି। ତାହା ଉପରେ ପୋଲିସ କିମ୍ବା ଆର.ଟି.ଅଧିକାରୀଙ୍କ ନଜର ପଡୁନାହିଁ ନାଂ ଜାଣୀଶୁନି ଏଭଳି କାର୍ଯ୍ୟକୁ ପ୍ରଶୟ ଦେଉଛନ୍ତି। ଶୁଣିବାକୁ ମିଳୁଛି ସଂପୃକ୍ତ ଯୁବକ ଜଣକ ପୋଲିସକୁ ହାତବାରିସ କରି ଜାମିନ କରେଇ ଦେବା ନାଁମରେ ମଧ୍ୟସ୍ଥି ମାନଙ୍କୁ ହଇରାଣ ହରକତ କରୁଛନ୍ତି। ଆର.ଟି.ଓକୁ ଏ ସଂପର୍କରେ ପଚାରିବାରୁ କହିଥିଲେ ଆମ ପାଝରେ କୌଣସିମଧ୍ୟସ୍ଥିଙ୍କ ବିରୁଦ୍ଧରେ ଅଭିଯୋଗ ନାହିଁ। କୋର୍ଟର ଆଦେଶ ଆମର ହସ୍ତଗତ ହୋଇଛି। ଯେଉଁ ମାନେ ନିର୍ଦ୍ଦିଷ୍ଟ ସର୍ତ ପାଳନ କରିବେ ସେମାନେ ଏଠାରେ କାର୍ଯ୍ୟ କରିବାର ସୁଯୋଗ ପାଇପାରିବେ। ଅନ୍ୟ ପଟେ ବଡଚଣା ଥାନା ଅଧିକାରୀଙ୍କ ଏସଂପର୍କରେ ପଚାରିବାରୁ ସେ କହିଥିଲେ ଆମ ପାଖକୁ କୋର୍ଟର କୌନସି ନିର୍ଦ୍ଦେଶନାମା ଆସିନାହିଁ। କ୍ରାଇମ ବ୍ରାଂଚର ନିର୍ଦ୍ଦେଶନାମା ଆସିଲା ପରେ ଆମର ଆବିମୁଖ୍ୟ ପରିବର୍ତନ କରିବୁ।

## ମିଆ ବାଏ ତନିସ୍କର ଆକର୍ଷଣୀୟ ଅଫର

ଭବନେଶ୍ୱର : ଭାରତର ସର୍ବାଧିକ ଆଦୃତ ଅଳଙ୍କାର ବ୍ରାଣ୍ଡ 'ମିଆ ବାଏ ତନିସ୍କ' ଚଳିତ ଦୁର୍ଗାପୂଜାରେ ଅଳଙ୍କାର କ୍ରୟକୁ ନିଶ୍ଚିତ ଆକର୍ଷଣୀୟ କରିବା ନିମନ୍ତେ ଗ୍ରାହକଙ୍କୁ ସର୍ବୋତ୍କୃଷ୍ଟ ଅଫର ପ୍ରଦାନ କରୁଛି। ୨୫୦୦୦ ଟଙ୍କା କ୍ରୟ ଉପରେଗ୍ରାହକ ବିନା ମୂଲ୍ୟରେ ସୁନା ପଦକ ପାଇପାରିବେ ଏବଂ ମିଆ କ୍ଲସିକ କଲେକସ୍‌ନରେ ୧୦% ପର୍ଯ୍ୟନ୍ତ ଛାଡ଼ପାଇପାରିବେ। କୋଲକତା, ସିଲିଗୁଡ଼ି ଓ ଗୌହାଟୀରେ ଥିବା ମିଆ ଷ୍ଟୋରରେ ଏହି ଅଫର ସେପ୍ଟେମ୍ବର ୧୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ରାଞ୍ଚି, ଜାମସେଦପୁର, ଗ୍ୟାଙ୍ଗଟକ ଓ ଭୁବନେଶ୍ୱରେ ଥିବା ଷ୍ଟୋରରେ ଏହାସେପ୍ଟେମ୍ବର ୧୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏଥିସହ ସେପ୍ଟେମ୍ବର ୧୪ ଓ ୧୫ ଏବଂ ୨୮ ଓ ୨୯ତାରିଖରେ ଅତିରିକ୍ତ ୫% ଛାଡ଼ ମିଳିବ।




## ନବବର୍ଷ-୨୦୨୦ ଅଭିନନ୍ଦନ

ନବବର୍ଷ ୨୦୨୦- ମା'ବିରଜା ଓ ଶ୍ରୀ ଜଗନ୍ନାଥ ସମସ୍ତ ଜନସାଧାରଣଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣି ଦିଅନ୍ତୁ ତା ସଙ୍ଗେ ମଙ୍ଗଳମୟ କରନ୍ତୁ। ଏହା ମୋର ତାଙ୍କ ପାଖରେ ପ୍ରାର୍ଥନା।

ଶ୍ରୀ ପ୍ରସନ୍ନ ମହାପାତ୍ର
ସମାଜସେବୀ, ଯାଜପୁର
ମୋ: ୯୩୩୮୩୧୨୪୯୮


# ଭିଭୋ ପକ୍ଷରୁ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର : ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଯାଇଛି। ଏହା ଦ୍ୱାରା ଭି ସିରିଜ୍‌ର ଉତ୍ପାଦରେ ବୃଦ୍ଧି ଘଟିଛି। ଭି-୧୭ ପ୍ରୋରେ ୮ଜିବି ରାମ୍ ଏବଂ ୧୨୮ ଜିବି ରମ୍ ରହିଛି। ଏଥିରେ ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ଅଲ୍ କ୍ୱାଡ୍ ପଛ କ୍ୟାମେରା ରହିଛି। ସେହିପରି ଭି-୧୭ ପ୍ରୋ ଗ୍ଲାସିଅର ଆଇସ୍ ଏବଂ ମିଡ୍ ନାଇଟ୍ ଓସିନ୍ ରଙ୍ଗରେ ମିଳୁଛି। ଏହାର ମୂଲ୍ୟ ୨୯,୯୯୦ ଟଙ୍କା ରହିଛି। ଏହା ୨୦୧୯ ସେପ୍ଟେମ୍ବର ୨୭ ତାରିଖ ଠାରୁ ଆମାଜନ ଡଟ୍ ଇନ୍, ଫ୍ଲିପ୍‌କାର୍ଟ, ଭିଭୋ ଇଣ୍ଡିଆ ଇ-ଷ୍ଟୋର ଏବଂ ସମସ୍ତ ଅଫ୍ ଲାଇନ୍ ଅଂଶୀଦାର ଷ୍ଟୋରରେ ଉପଲବ୍ଧ ହେବ। ଏହି ଫୋନ୍‌ରେ ଶକ୍ତିଶାଳୀ ୩୨ ଏମ୍ ପି ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ୪୮ ଏମ୍‌ପି ଅଲ୍ କ୍ୱାଡ୍ ପଛ କ୍ୟାମେରା ସହିତ ୧୩ ଏମ୍‌ପି ୨-ଏକ୍ସ ଅପ୍ଟିକାଲ ଜୁମ୍ ସୁବିଧା ରହିଛି। ଏଥିରେ ୧୬.୩୬ ସେମି ଫୁଲ୍ ଭିୟୁ ସୁପର ଆମଲୋଏଡ୍ ଡିସପ୍ଲେ, ୯୧.୬୫ ପ୍ରତିଶତ ସ୍କ୍ରିନ୍ ବଡ଼ି ରେସିଓ, ୨୦:୯ ଆସପେକ୍ଟ ରେସିଓ, ଆଂଟି ଫ୍ଲିକର ଜ୍ଞାନକୌଶଳ ଆଦି ରହିଛି। ଏହି ଫୋନ୍‌ରେ କ୍ୱାଲକମ୍ ସ୍ନାପଡ୍ରାଗନ ୬୭୫ ଏଆଇଇ ପ୍ରୋସେରସ. ଓଏସ୍ ୮.୧ ଆଣ୍ଡ୍ରଏଡ୍ , ଫନ୍ ଟଚ୍ ଓଏସ୍ ୪.୫, ଭିଭୋର ଜୋଭି ଏଆଇ ଇନ୍ ଆଦି ବୈଶିଷ୍ଟ୍ୟ ରହିଛି। ଏଥିରେ ୪,୧୦୦ଏମ୍‌ଏଏଚ୍ ଟାଇପ୍-ସି ବ୍ୟାଟେରୀ, ଡୁଆଲ୍ ଇନ୍ ଫାଷ୍ଟ ୧୮ ୱାଟ୍ ଚାର୍ଜ ସୁବିଧା ରହିଛି। ଏହା ସହିତ ଏଥିରେ ଗେମ୍ ଟ୍ରବୋ, ଏଆଇ ଟ୍ରବୋ, ସେଂଟର ଟ୍ରବୋ, ନେଟ୍ ଟ୍ରବୋ କୁଲିଂ ଟ୍ରବୋ ଆଦି ବୈଶିଷ୍ଟ୍ୟ ରହିଛି। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅ'ର୍ଗତ ଭି-୧୭ ପ୍ରୋ ଗ୍ରେଟର ନୋଏଡାଠାରେ ନିର୍ମିତ ହୋଇଛି। ଏହି ସ୍ୱାର୍ଟଫୋନ୍ ଉପରେ ୱାନ୍ ଟାଇମ୍ ସ୍କ୍ରିନି ରିପ୍ଲେସ୍‌ମେଂଟ୍ ସୁବିଧା ୨୦୧୯ ଅକ୍ଟୋବର ୮ ତାରିଖ ପର୍ଯ୍ୟ' ଉପଲବ୍ଧ ହେବ। ଏଚଡିଏଫସି ଏବଂ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଏବଂ ଏଚଡିଏଫସି ଲୋନ୍ ଇଏମ୍‌ଆଇ କ୍ଷେତ୍ରରେ ୧୦ ପ୍ରତିଶତ କ୍ୟାସତ୍ ବ୍ୟାକ୍ ସୁବିଧା। ଏଚଡିବି ଜିରୋ ଡାଉନ୍ ପେମେଂଟ୍‌ରେ ଅତିରିକ୍ତ ୧୦ ପ୍ରତିଶତ କ୍ୟାସ୍ ବ୍ୟାକ୍ ସୁବିଧା ମିଳୁଛି। ବଜାଜ ସହିତ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ। ସେହିପରି ଆଇଏଫ୍‌ସି ଜିରୋ ଡାଉନ୍ ପେମେଂଟ୍‌ରେ ୮ ମାସର ଇଏମ୍‌ଆଇ ସହିତ ୫ ପ୍ରତିଶତ କ୍ୟାସ୍‌ବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି। ହୋମ୍ କ୍ରେଡିଟ୍ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ ସୁବିଧ ପ୍ରଦାନ କରାଯାଉଛି। ଏହା ସହିତ ଭିଭୋ-କ୍ୟାସିଫାଏ ଆପ୍ଲିକେଶନ ଦ୍ୱାରା ପୁରୁଣା ସ୍ମାର୍ଟଫୋନ୍ ଏକ୍ସଚେ୍ କ୍ଷେତ୍ରରେ ଅତିରିକ୍ତ ୧,୯୯୯ ଟଙ୍କାର ଉପହାର ପ୍ରଦାନ କରାଯାଉଛି। ଭୋଡ଼ାଫୋନ୍ ଆଇଡ଼ିଆ ଗ୍ରାହକଙ୍କୁ ନିଶ୍ଚିତ ୫୦ପ୍ରତିଶତ ମୂଲ୍ୟାର ବାଏ ବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି। ଏହି ଅବସରରେ ଭିଭୋ ଇଣ୍ଡିଆର ବ୍ରାଣ୍ଡ୍ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଲେ, ' ଭିଭୋ ସାମ୍ପ୍ରତିକ କ୍ୟାମେରା ଜ୍ଞାନକୌଶଳରେ ଏକ ନୂତନ କ୍ଷେତ୍ର ସୃଷ୍ଟି କରିବା ସହିତ କ୍ୟାମେରାର ଅଭିଜ୍ଞତାକୁ ବିଶେଷ ରୁଦ୍ଧିମ' କରିବାକୁ ସକ୍ଷମ ହେବ। ଆମ୍ଭେ ନିଶ୍ଚିତ ଯେ, ଏହି ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ଭି ସିରିଜ୍‌ରେ ଏକ ନୂତନ ବେଂଚମାର୍କ ସୃଷ୍ଟି କରିବାକୁ ସକ୍ଷମ ହେବ ତଥା ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିବା ସହିତ ସେଲଫି ଅଭିଜ୍ଞତାକୁ ରୁଦ୍ଧିମନ୍ତ କରାଇବ। ଏଥିରେ ଥିବା ୩୨ ଏମ୍ ପି ଡୁଆଲ୍ ପପ୍ ଅପ୍ ସମ୍ମୁଖ କ୍ୟାମେରା ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହେବ। ସୂଚନାଯୋଗ୍ୟ, ବିଶ୍ୱସ୍ତରରେ ସ୍ମାର୍ଟଫୋନ୍ ନିର୍ମାଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଭିଭୋ ଭାରତରେ ଏହାର କାରବାର ୨୦୧୪ ମସିହାରେ ଆରମ୍ଭ କରିଥିଲା। ଅତି ସ୍ୱଳ୍ପ ସମୟ ମଧ୍ୟରେ ଏହା ସ୍ମାର୍ଟବ୍ରାଣ୍ଡ୍ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଥିଲା। ଗ୍ରେଟର ନୋଏଡାଠାରେ ଏହାର ନିର୍ମାଣ କେନ୍ଦ୍ର ରହିଛି। ସମ୍ପ୍ରତି ଦେଶର ୨୭ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଂଚଳରେ ୫୩୯ରୁ ଅଧିକ ସହରରେ କମ୍ପାନୀର ୫୫୦ରୁ ଅଧିକ ସର୍ଭିସ୍ ସେଂଟର ରହିଛି। ଏହା ମୁଖ୍ୟତଃ କ୍ୟାମେରା ଓ ମ୍ୟୁଜିକ୍‌କୁ ଗୁରୁତ୍ୱ ପ୍ରଦାନ କରିଥାଏ। ଏହା ଭାରତରେ ଦ୍ରୁତ ଅଭିବୃଦ୍ଧିଶୀଳ କମ୍ପାନୀ ଭାବରେ ଖ୍ୟାତି ହାସଲ କରଛି।

## ରେଳଭଡ଼ା ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ଦେଶବାସୀଙ୍କୁ ମୋଦି ସରକାରଙ୍କ ନୂଆବର୍ଷ ଭେଟି

ଭୁବନେଶ୍ୱର : ନୂଆବର୍ଷ ର ପ୍ରଥମ ଦିନର ମଧ ରାତ୍ରିରୁ ରେଳଭଡ଼ା କି.ମି. ପିଛା ୧ ପଇସାରୁ ୪ ପଇସା ବୃଦ୍ଧି ଏବଂ ନୂଆ ବର୍ଷର ମଧାହ୍ନରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୧୯ ଟଙ୍କା ବୃଦ୍ଧି ମୋଦି ସରକାରଙ୍କର ଦେଶବାସୀଙ୍କୁ ନୂଆବର୍ଷର ଭେଟି ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି । ପାର୍ଟିର ରାଜ୍ୟ ସଭାପତି ଶ୍ରୀ ରବି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ରେଳଭଡ଼ା ବୃଦ୍ଧି ଓ ରନ୍ଧନଗ୍ୟାସ ଦରବୃଦ୍ଧିକୁ ବିରୋଧ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ପ୍ରସ୍ତାବ ଆଗତ କରି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସୁଦର୍ଶନ ପ୍ରଧାନ କହିଥିଲେ ଯେ, ୨୦୧୪ ମସିହାରେ ଦେଶବାସୀଙ୍କୁ 'ଆଚ୍ଛାଦିନ'ର ପ୍ରତିଶ୍ରୁତି ଦେଇଥିବା ଏନ୍‌ଡିଏ ସରକାର ଅମଳରେ ପିଆଜ କିଲୋ ପିଛା ୨୦୦ ଟଙ୍କା, ଆଳୁ କିଲୋ ପିଛା ୪୦ ଟଙ୍କା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯଥା ଖାଇବା ତେଲ, ଡାଲି ପ୍ରଭୃତିର ଆକାଶଛୁଆଁ ଦରବୃଦ୍ଧି ହୋଇଛି। ନୂଆବର୍ଷ ଦିନ ସରକାର ରେଳଭଡ଼ା କିଲୋମିଟର ପିଛା ୧ ପଇସାରୁ ୪ ପଇସା ବୃଦ୍ଧି କରିବା ଫଳରେ ଏହାର ପ୍ରତିକୂଳ ପ୍ରଭାବ ଆଗାମୀ ଦିନରେ ଦରଦାମ୍ ବୃଦ୍ଧିର ଆଶଙ୍କା ଦେଖାଦେବ। ଜାଳେଣୀ ଗ୍ୟାସ ବଢିବା ଭାତ ହାଣ୍ଡି ଉପରେ ସିଧାସଳଖ ଆକ୍ରମଣ ବୋଲି ଦଳ ଅଭିଯୋଗ କରିଛି । ଏହି ଦରବୃଦ୍ଧିକୁ ସରକାର ପ୍ରତ୍ୟାହାର ନ କଲେ ସମାଜବାଦୀ ପାର୍ଟି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନି ଦିଆଯାଇଛି। ଏହି ବୈଠକରେ ପାର୍ଟିର କୋଷାଧ୍ୟକ୍ଷ ସଂଜୟ ନାୟକ, ଯୁବନେତା ଶରତ ଚନ୍ଦ୍ର ବେହେରା, ନାରୀ ନେତ୍ରୀ ରୀତା ପଟ୍ଟନାୟକ, ଯୁବ ସଭାପତି ସୁବ୍ରତ ଲେଙ୍କା, ସୁନୀଲ ମିଶ୍ର, ସୁଶୀଲ ହୋତା, ନରେଶ ବେହେରା, ଦେବାଶିଷ ମହାପାତ୍ର, ଦେଶପ୍ରିୟ ଦାସ, ପ୍ରଦୋଷ ଜେନା, ଜୟକୃଷ୍ଣ ପରିଡ଼ା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ ।




## ନବବର୍ଷ-୨୦୨୦ ଅଭିନନ୍ଦନ

ନବବର୍ଷ ୨୦୨୦ - ମା'ବିରଜା ସମସ୍ତ ଜନସାଧାରଣଙ୍କୁ ସୁଖ, ଶାନ୍ତି ଓ ମଙ୍ଗଳମୟ କରନ୍ତୁ। ଏହା ସହ କଂଗ୍ରେସ ଦଳ ଆଗକୁ ଆଗକୁ ସଫଳତା ପାଉ ଏହା ମୋର ତାଙ୍କ ପାଖରେ ପ୍ରାର୍ଥନା।

ଶ୍ରୀ ବିଦ୍ୟାଧର ବାରିକ
ସଂପାଦକ, ଯାଜପୁର ଜିଲ୍ଲା କଂଗ୍ରେସ କମିଟି
ମୋ: ୭୩୨୫୯୮୭୮୦୫


## ଫ୍ଲିପକାର୍ଟ ପକ୍ଷରୁ ମାରକ୍ୟୁ ଏବଂ ପରଫେକ୍ଟ ହୋମ ବ୍ରାଣ୍ଡର ସଂପ୍ରସାରଣ

ଭୁବନେଶ୍ୱର : ଭାରତର ଅଗ୍ରଣୀ ଇ-କମର୍ସ ମାର୍କେଟ ପ୍ଲେସ ଫ୍ଲିପକାର୍ଟ, ବିଗ ବିଲିୟନ ଡେ ଉପଲକ୍ଷେ ଏହାର ବୃହତ ଉପକରଣ ବ୍ରାଣ୍ଡ ମାରକ୍ୟୁ ଏବଂ ଫର୍ନିଚର ବ୍ରାଣ୍ଡ ପରଫେକ୍ଟ ହୋମସର ସଂପ୍ରସାରଣ କରିଛି । ମାରକ୍ୟୁ ଉନ୍ନତ ମାନର ହୋମ ଏବଂ ପର୍ସନାଲ ଅଡିଓ ଡିଭାଇସ ଏବଂ ଆଣ୍ଡ୍ରଏଡଟିଭି ଷ୍ଟ୍ରିମିଙ୍ଗ ବକ୍ସ ସମେତ ଏହି ବ୍ରାଣ୍ଡ ଅଧିନସ୍ଥ ପୋର୍ଟଫୋଲିଓରେ ୱାସିଙ୍ଗ ମେସିନ ଏବଂ ରେଫିଜେରେଟର ମଧ ରହିଛି । ଏହି ବ୍ରାଣ୍ଡ ଅନ୍ତର୍ଗତ ଟିଭି ଗୁଡ଼ିକ 'ସମ୍ପୂର୍ଣ୍ଣ ଉପକରଣ ସୁରକ୍ଷା', ମାନ୍ୟୁଫାକଚରିଙ୍ଗ ଏବଂ ଦୁର୍ଘଟଣା ଜନିତ କ୍ଷତିକୁ ଅନ୍ତର୍ଭୁକ୍ତ କରୁଥିବା ଏକ ତିନି ବର୍ଷର କେୟାର ପ୍ଲାନ ସହିତ ଆସିଥିବା ବେଳେ ରେଫ୍ରିଜେରେଟର ଗୁଡ଼ିକ ଶ୍ରେଷ୍ଠ ୧୦ ବର୍ଷର ୱାରେଣ୍ଟି ସହ ଆସିଛି। ସେହିଭଳି ଫ୍ଲିପକାର୍ଟର ପରଫେକ୍ଟ ହୋମ ଏହାର ପୋର୍ଟଫୋଲିଓକୁ ଆଗକୁ ସଂପ୍ରସାରିତ କରିଛି ଯାହାକି ପୁର୍ବରୁ ଖଟ, ସୋଫା, ଡାଇନିଙ୍ଗ ଟେବଲ ସମେତ ବର୍ତ୍ତମାନ ବୁକସେଲଭ, କିଚନ କ୍ୟାବିନେଟକୁ ସାମିଲ କରିଛି। ଏହା ବ୍ୟତିତ ଏହି ବ୍ରାଣ୍ଡ ଲ୍ୟାମ୍ପ, କାନ୍ଥ ଘଣ୍ଟା, ବେଡ ସିଟ ଏବଂ ବାଥ ଲାଇନେନ ଆଣି ହୋମ ଫର୍ନିସିଙ୍ଗ ଏବଂ ଗୃହ ସଜ୍ଜାକୁ ଅଧିକ ଆକର୍ଷଣୀୟ କରିଦେଇଛି । ବିଗତ ବର୍ଷର ବିଗ ବିଲିୟନ ଡେ ଅବସରରେ ଫ୍ଲିପକାର୍ଟ ହୋମ ଦେଶର ବୃହତ୍ତମ ଫର୍ନିଚର ବ୍ରାଣ୍ଡର ମାନ୍ୟତା ପାଇଥିଲା। ଏହି ପାର୍ବଣ ଋତୁରେ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଉଭୟ ବ୍ରାଣ୍ଡ ସେମାନଙ୍କର ଉପକରଣ ନିର୍ମାଣ ସାମର୍ଥ୍ୟତାକୁ ତ୍ୱରାନ୍ୱିତ କରିଛନ୍ତି। ଫ୍ଲିପକାର୍ଟର ଏହି ଉଭୟ ମାରକ୍ୟୁ ଏବଂ ପରଫେକ୍ଟ ହୋମ ୨୦୧୯ରେ ସେମାନଙ୍କର ମାନ୍ୟୁଫାକ୍‌ଚରିଙ୍ଗ ସହଯୋଗୀଙ୍କ ସଂଖ୍ୟାରେ ୨ ଗୁଣ ବୃଦ୍ଧି କରିଛନ୍ତି। ଉଭୟ ବ୍ରାଣ୍ଡର ଅ'ର୍ଭୁକ୍ତ ସମସ୍ତ ଉପକରଣ ଗୁଡ଼ିକ ଉନ୍ନତ ଗୁଣବତ୍ତା ଏବଂ ମୂଲ୍ୟ ବର୍ଗରେ ଏହି ପାର୍ବଣ ଋତୁରେ ଗ୍ରାହକ ମାନଙ୍କ ପାଇଁ ଉପଯୁକ୍ତ ଅଟେ। ଏହା ସମ୍ପର୍କରେ ଫ୍ଲିପକାର୍ଟର ଇଲେକ୍ଟ୍ରୋନିକ ଏବଂ ଫର୍ନିଚର ପ୍ରାଇଭେଟ ବ୍ରାଣ୍ଡର ଉପାଧ୍ୟକ୍ଷ ଶ୍ରୀ ଆଦର୍ଶ ମେନନ୍ କହିଛନ୍ତି, 'ଫ୍ଲିପକାର୍ଟର ମାରକ୍ୟୁ ଏବଂ ଫ୍ଲିପକାର୍ଟର ପରଫେକ୍ଟ ହୋମ ମାଧ୍ୟମରେ ଆମେ ଗ୍ରାହକ ମାନଙ୍କୁ ସେମାନଙ୍କ ବଜେଟ ଭିତରେ ଶ୍ରେଷ୍ଠ ବୈଶିଷ୍ଟ୍ୟ ଏବଂ ଅଭିନବ ଉପକରଣ ଯୋଗାଇ ଦେଇ ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରୁଛୁ।

# କନିକା ପ୍ରଜା ଆନ୍ଦୋଳନ ନେତା ବିପ୍ଳବୀ ଚକ୍ରଧର ବେହେରାଙ୍କ ୪୭ତମ ଶ୍ରାଦ୍ଧୋତ୍ସବ ପାଳିତ



ଭୁବନେଶ୍ୱର : କନିକା ପ୍ରଜା ଆନ୍ଦୋଳନ ନେତା ପୂର୍ବତନ ବିଧାୟକ ବିପ୍ଲବୀ ଚକ୍ରଧର ବେହେରାଙ୍କ ୪୭ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ୱର୍ଗତ ବେହେରାଙ୍କ ରାଜଧାନୀ ଭୁବନେଶ୍ୱର ରାଜଭବନ ନିକଟସ୍ଥ ପ୍ରତିମୂର୍ତ୍ତି ସ୍ଥଳରେ ଆଜି ନବ ବର୍ଷ ଅବସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ପ୍ରଶାନ୍ତ ବେହେରା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ବିଜୟ ନାୟକ, ବରିଷ୍ଠ ସାମ୍ବାଦିକ ଗୌରହରି ଦାସ, ପ୍ରଦ୍ୟୁମ୍ନ ଶତପଥି, ଶିକ୍ଷାବିତ୍ ଦୁର୍ଯ୍ୟୋଧନ କାଠୁଆ, ଉତ୍କଳ ଯାଦବ ମହାସଭା ଭୁବନେଶ୍ୱର ଜିଲ୍ଲା ସଭାପତି ସରୋଜ ବେହେରା, ପ୍ରଫୁଲ୍ଲ କୁମାର ଦାସ, କ୍ରୀଡ଼ା ପ୍ରଶିକ୍ଷକ କିଶୋର ମାଣିଆ, ବିଭୂତି ବେହେରା, ସାମାଜିକ କର୍ମୀ ସନାତନ ବେହେରା, ଡାଳଖାଇ ସଂକୀର୍ତ୍ତନ ମଣ୍ଡଳୀ ମହନ୍ତ ପ୍ରଦୀପ କୁମାର ଜେନା, ଉତ୍କଳ ଯାଦବ ମହାସଭା ସାଂସ୍କୃତିକ ସେଲ୍ ସଭାପତି ଲକ୍ଷ୍ମୀଧର ବେହେରା, ଅଧ୍ୟାପକ ଅସିତ୍ ଦାସଙ୍କ ସମେତ ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସ୍ୱର୍ଗତ ବେହେରାଙ୍କ ସଂଗ୍ରାମୀ ଜୀବନ ଓ ଲୋକଙ୍କ ଅଧିକାର ପାଇଁ ସମର୍ପିତ ତ୍ୟାଗ ବିଷୟରେ ଆଲୋକପାତ କରିଥିଲେ । ପରିଶେଷରେ ଚକ୍ରଧର ବେହେରା ସ୍ମୃତି ସଂସଦ ତରଫରୁ ନରହରି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସବୁଜ ବ୍ୟାନର ବଳୟ ମଧ୍ୟରେ ଆବଦ୍ଧ ହେଲେ ବୁଦ୍ଧ

ଚଣ୍ଡିଖୋଲ:ଶାନ୍ତିର ବାର୍ତା ନେଇ ବିଶ୍ୱ ଭ୍ରମଣରେ ବାହାରିଥିବା ଗୌତ୍ତମ ବୁଦ୍ଧ ଓଡିଶାର ଅନେକ ସ୍ଥାନକୁ ଆସିଥିବା ବିଭିନ୍ନ ବୌଦ୍ଧ ବିବାର କିମ୍ବଦନ୍ତି ଓ ଇତିହାସରୁ ପ୍ରମାଣ ରହିଅଛି। ହିନ୍ଦୁ ଧର୍ମ ସହ ବୌଦ୍ଧ ଧର୍ମର ବିଚାର ଧାରାରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ। ସେହି ଦୃଷ୍ଟି କୋଣରୁ ଅନ୍ୟ ଦେବଦେବୀଙ୍କ ସହ ବୁଦ୍ଧଙ୍କୁ ମଧ ଦେବତାର ମର୍ଯ୍ୟଦା ପ୍ରଦାନ କରିବା ସହ ତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଯାଜପୁର ଜିଲ୍ଲାର ଉଦୟଗିରି, ରତ୍ନଗିରି, ଲଳିତଗିରି ଓ ଲାଙ୍ଗୁଡି ଠାରେ ବୁଦ୍ଧ କିର୍ତିରାଜି ସହ ଅନେକ ଶିଳାଲିପି ଏବେ ବି ଜୀବନ୍ତ ରହିଛି। ସଂପୃକ୍ତ ସ୍ଥାନଗୁଡିକୁ ଜାତୀୟ ପର୍ଯ୍ୟଟନ ତାଲିକାର ସ୍ଥାନିତ କରିବା ସହ ପ୍ରତେକ ଦିନ ଏହି ସ୍ଥାନକୁ ସହ ସହ ସଂଖାରେ ଦେଶ ବିଦେଶରୁ ପର୍ଯ୍ୟଟକ ଆସୁଥିବା ଦେଖିବାକୁ ମିଳିଥାଏ। ଚଣ୍ଡିଖୋଲ ହେଉଛି ଏଭଳି ଏକ ସ୍ଥାନ ସମସ୍ତ ବୌଦ୍ଧ କୀର୍ତୀରାଜି ସହ ଅନ୍ୟ ପର୍ଯ୍ୟଟନ ସ୍ଥଳି ଯାତାୟତ କରିବା ପାଇଁ ଏହା ହେଉଛି ପ୍ରମୁଖ କେନ୍ଦ୍ରସ୍ଥଳି। ଯାଜପୁର ଜିଲ୍ଲାର ପୂର୍ବତନ ସାଂସଦ ମୋହନ ଜେନାଙ୍କ ଉଦ୍ୟମରେ ବୌଦ୍ଧ ବିହାରର ଉନ୍ନତି ପାଇଁ ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ସହ ଚଣ୍ଡିଖୋଲ ଛକ ଠାରେ ବୁଦ୍ଧଙ୍କର ଏକ ପ୍ରତିମୂର୍ତି ସ୍ଥାପନ କରିଥିଲେ। କିନ୍ତୁ ନୂଆ ବର୍ଷରେ ନିଜର ପ୍ରସାର ପ୍ରଚାର କରିବା ପାଇଁ ବୌଦ୍ଧ ମୂର୍ତି ଚତୁପାର୍ଶ୍ୱରେ ବଡଚଣା ବିଧାୟକଙ୍କ ଫଟୋ ସହ ଅନ୍ୟ କଛି ବ୍ୟକ୍ତିଙ୍କ ଫଟୋ୍ର ବ୍ୟାନର ଲଗାଇ ମୂର୍ତିକୁ ଆବଦ୍ଧ କରି ରଖିଛନ୍ତି। ପୂର୍ବରୁ ଏଭଳି କାର୍ଯ୍ୟ ନକରିବା ପାଇଁ ସ୍ଥାନୀୟ ଚଣ୍ଡିଖୋଲ, ବଡଚଣା ପୋଲିସ ସେଠାରେ ବ୍ୟାନର ନ ଲଗାଇବା ପାଇଁ ବାରଣ କରିଥିଲା ବେଳେ ଏବେ ସେହି ନିୟମକୁ ଖୁଲମଖୁଲା ଉଲଘଂନ କରାଯିବା ସହ ଖୋଦ ପୋଲିସ ଉପସ୍ଥିତିରେ ମୂର୍ତି ଚତୁପାର୍ଶ୍ୱରେ ବ୍ୟାନର ଲଗାଯାଇଛି। ଏହା ସ୍ଥାନୀୟ ପୋଲିସର ଅପାରଗତା ନା ଶାସକ ଦଳର ଆନୁଗତ୍ୟ ପ୍ରଦର୍ଶନ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ପିପିପି ବା ସିଏସଆର ମଡେଲରେ ସ୍କୁଲରେ ଦିଆଯିବ ବୈଷୟିକ ଶିକ୍ଷା

ଭୁବନେଶ୍ୱର : ସ୍କିଲ ଡେଭେଲପମେଂଟ ଏଣ୍ଡ ଏଂଟରପ୍ରିନିଓରସିପ୍ ମନ୍ତ୍ରାଳୟର ତତ୍ତ୍ୱାବଧାନରେ ଥିବା ସ୍କିଲ ଇଣ୍ଡିଆ ମିଶନ ଓ ନ୍ୟାସନାଲ ସ୍କିଲ ଡେଭେଲପମେଂଟ କର୍ପୋରେସନ ଦ୍ୱାରା କେଇଡି ପଦ୍ଧତିରେ ବୈଷୟିକ ଶିକ୍ଷାର ପ୍ରସାର ପାଇଁ ସ୍କିଲଏଡ ଇଣ୍ଡିଆ ସହ ରାଜିନାମା ସ୍ୱାକ୍ଷର ହୋଇଛି। ଏଥି ପାଇଁ ପବ୍ଲିକ ପ୍ରାଇଭେଟ ପାର୍ଟନରସିପ (ପିପିପି) ମାଧ୍ୟମରେ ଭାରତୀୟ ବ୍ୟବସାୟ ଓ କର୍ପୋରେଟ ମାନଙ୍କରୁ ପ୍ରାପ୍ତ ସିଏସଆର ଫଣ୍ଡ ବିନିଯୋଗ କରାଯିବ। ସ୍କିଲଏଡ ଇଣ୍ଡିଆ ଭାରତର ମାନବ ରଚନା ଶୈକ୍ଷଣିକ ସଂସ୍ଥା ଓ ସ୍ୱିଡେନ୍ ର କନସ୍କପଙ୍କୋଲାନ ଏଜୁକେସନ ର ଏକ ସଂଯୁକ୍ତ ଉଦ୍ୟମ। ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ପ୍ରମୁଖ ସୋନି ଇଣ୍ଡିଆ ଏବଂ ସ୍କିଲଏଡ ସହ ଉଦ୍ୟୋଗ ବିଶିଷ୍ଟ କୌଶଳ ପ୍ରଦାନ ଏବଂ ରିଟେଲ କ୍ଷେତ୍ରରେ ରୋଜଗାର ସମ୍ବନ୍ଧ ବଢାଇବା ପାଇଁ ଏନଏସଡିସି ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ସ୍କିଲଏଡ ଦ୍ୱାରା ଯୋଗ୍ୟ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ହାଇଟେକ୍ କ୍ଲାସରୁମରେ କେଇଡି ପଦ୍ଧତିରେ ଏହି ଟ୍ରେନିଂ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣ ନେଇଥିବା ବିଦ୍ୟାର୍ଥୀ ମାନଙ୍କୁ ଶୁଳ୍କ ଆଧାରିତ ମଡେଲ ବା ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅ'ର୍ଗତ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥାମାନଙ୍କ ମାଧ୍ୟମରେ ପ୍ଲେସ୍‌ମେଂଟ ଲିଙ୍କ ପ୍ରଦାନ କରାଯିବ। ନୂଆଦିଲ୍ଲୀ ଠାରେ କର୍ପୋରେଟ ସାମାଜିକ ଦାୟିତ୍ୱ ଉପରେ ଅ'ଃରାଷ୍ଟ୍ରୀୟ ସମ୍ମିଳନୀ ର ଅଧ୍ୟକ୍ଷତା କରି ସ୍କିଲ ଡେଭେଲପ୍‌ମେଂଟ ଏଣ୍ଡ ଏଂଟରପ୍ରେନିଓରସିପ୍ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ ସ୍କୁଲ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ପବ୍ଲିକ ପ୍ରାଇଭେଟ ପାର୍ଟନରସିପ (ପିପିପି) ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) ର ସହଯୋଗରେ ବୈଷୟିକ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ । କର୍ପୋରେଟ ସାମାଜିକ ଦାୟିତ୍ୱ ମାଧ୍ୟମରେ ଦକ୍ଷତା ବିକାଶ ଦିଗରେ ଯୋଗଦାନ ଦେବା ପାଇଁ କର୍ପୋରେଟ ମାନଙ୍କୁ ଆହ୍ୱାନ ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପାଣ୍ଡେ କହିଥିଲେ, 'ଦକ୍ଷତା ବୃଦ୍ଧି କରିବା ଓ ସ୍କିଲ ଇଣ୍ଡିଆ ମିଶନରେ ଏକ ପ୍ରଭାବ ପକାଇବା ପାଇଁ ମୁଁ କର୍ପୋରେଟ ମାନଙ୍କୁ ସିଏସଆର ଫଣ୍ଡ ବିନିଯୋଗ କରିବା ପାଇଁ ଆହ୍ୱାନ ଜଣାଉଛି । ପ୍ରାଇଭେଟ ସେକ୍ଟରର କ୍ରମବର୍ଦ୍ଧିଷ୍ଣୁ ପ୍ରତିଶ୍ରୁତିବଦ୍ଧତା ଏ କ୍ଷେତ୍ରରେ ସକରାତ୍ମକ ଓ ଉତ୍ସାହଜନକ ବିଶ୍ୱର ଦକ୍ଷତା ରାଜଧାନୀ ଭାବରେ ଭାରତକୁ ଗଢିବାର ଲକ୍ଷ ରଖି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କମ୍ପାନୀ ମାନଙ୍କୁ ସିଏସଆର ବିନିଯୋଗ କରିବାକୁ ଉପଦେଶ ଦେଇଛନ୍ତି । ଏହି ସଂକଳ୍ପ ଦ୍ୱାରା ଏଂଟରପ୍ରିନିଓରସିପ୍ କୁ ପ୍ରୋତ୍ସାହନ ମିଳିବା ସହ ଭାରତ ବିଶ୍ୱର ସର୍ବବୃହତ କୁଶଳ କର୍ମଚାରୀ ପ୍ରଦାନକାରୀ ହୋଇପାରିବ ।'କନସ୍କପସ୍କୋଲାନ ସ୍ୱିଡେନ୍ ଏବି ର ସଂସ୍ଥାପକ ଏବଂ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପେଜେ ଏମିଲସନ୍ କହିଛନ୍ତି, ' କୁଶଳ ଶ୍ରମଶକ୍ତି ଦେଶର ସମଗ୍ର ବିକାଶରେ ମହତ୍ୱପୁର୍ଣ୍ଣ। ଏହି ସହବନ୍ଧନ ସହ ସୋନି ଭାରତରେ ଉତମ ରୋଜଗାର ସୁଯୋଗ ସହ ଯୁବାବର୍ଗଙ୍କୁ ସଫଳ ହେବା ପାଇଁ ଏକ ଗୁରୁତ୍ୱପୁର୍ଣ୍ଣ ଭୁମିକା ନେଉଅଛି ।'ଏହି ସହବନ୍ଧନ ସମ୍ପର୍କରେ ନ୍ୟାସନାଲ ସ୍କିଲ ଡେଭେଲପ୍‌ମେଂଟ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ମନିଶ୍ କୁମାର କହିଛନ୍ତି, ' ଏହି ସହଭାଗୀତା ଯୁବାବର୍ଗଙ୍କର କୌଶଳ ଓ ଦକ୍ଷତା ବୃଦ୍ଧି ସହ ନିର'ର ଜିବିକା ସମ୍ପର୍କ ପ୍ରଦାନ କରିବ ।'

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray